www.youtube.com/@rajdhanireporter
https://www.facebook.com/RajdhanireporterOfficial

Odia Weekly

# ରାଜଧାନୀ ରିପୋର୍ଟର
RAJDHANI Reporter

"ଆପଣଙ୍କ ଭରଷା, ଆମର ଆଶା"

RNI/PRGI Regd. No.- ORORI/25/A3650

Rajdhani Reporter
UPI ID: reporterrajdhani-1@okaxis
Scan to pay with any UPI app

Vol. 01 | Issue -23 | ଭାଗ-୦୧ | ସଂଖ୍ୟା-୨୩ | Bhbaneswar 18-24 May, 2026 | Rs. 5.00 | Pages - 08 | ଭୁବନେଶ୍ୱର | ୧୮-୨୪ ମଇ, ୨୦୨୬ | ମୂଲ୍ୟ ୫.୦୦ ଟଙ୍କା | ପୃଷ୍ଠା-୦୮

## ଆଇନଶୃଙ୍ଖଳା ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସଂଗଠିତ ଅପରାଧକୁ ରୋକ

ଭୁବନେଶ୍ୱର(ରା.ରି): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୁଣି ଥରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରିଛନ୍ତି। ମୁଖ୍ୟ ଶାସନ ସଚିବ, ପୁଲିସ ଡିଜି, ବରିଷ୍ଠ ଅଧିକାରୀ, ଜିଲ୍ଲାପାଳ ଓ ଏସ୍‌ପିମାନେ ଏଥିରେ ସାମିଲ ହୋଇଥିଲେ। ରାଜ୍ୟ ପୁଲିସ



ଏଭଳି ପଦକ୍ଷେପ ନେଉ, ଯାହା ଦ୍ୱାରା ପୁଲିସ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ସହିତ ଅପରାଧୀମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସଂଗଠିତ ଅପରାଧକୁ ନେଇ ଉଦ୍‌ବେଗ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏପରି ଅପରାଧକୁ ସମ୍ପୂର୍ଣ୍ଣ ଭାବେ ନିର୍ମୂଳ କରିବାକୁ ପଡ଼ିବ। ରାଜ୍ୟରେ ଯେପରି ନକ୍ସଲ ଅପରାଧକୁ ଦମନ କରାଯାଇଛି, ସେହିପରି ବାଲି ମାଫିଆମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଦମନ କରିବାକୁ ହେବ। ଯେକୌଣସି ସ୍ଥାନରେ ଅସାମାଜିକ ତତ୍ତ୍ୱ ବିରୋଧରେ ପୁଲିସ ଆଇନ ଅନୁଯାୟୀ ଆଗୁଆ ପଦକ୍ଷେପ ନେଇ ଅପରାଧ ସମ୍ଭାବନାକୁ କମ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଶ୍ରୀ ମାଝୀ କହିଥିଲେ, ଜିଲ୍ଲା ସ୍ତରରେ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀମାନେ ମିଳିତ ଭାବେ ଗୋଟିଏ ଟିମ୍ ଭାବେ କାମ କରିବା ଆବଶ୍ୟକ। ପୁଲିସ ସହିତ ଜିଲ୍ଲାର ଅନ୍ୟ ପ୍ରଶାସନିକ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଅପରାଧ ନିୟନ୍ତ୍ରଣରେ ଅଧିକ ସଫଳତା ଆସିପାରିବ। ଆପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ କ୍ଷେତ୍ରରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ପୁଲିସ ପ୍ରଶାସନ ପାଇଁ ଖୁବ୍ ସହାୟକ ହୋଇପାରିବେ। ବିଭିନ୍ନ ଯୋଜନା ଓ ପ୍ରକଳ୍ପର ସଫଳତା ପାଇଁ ଯେପରି ଟିମ୍ ସ୍ପିରିଟ୍‌ରେ କାମ କରାଯାଉଛି, ସେହିଭଳି ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ଟିମ୍ ସ୍ପିରିଟ୍ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ, ପୁଲିସ ସମ୍ପୂର୍ଣ୍ଣ ଭାବେ ଆଗୁଆ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ। ବିଭିନ୍ନ ଅଞ୍ଚଳର ଅପରାଧ ସମ୍ପର୍କରେ ତଥ୍ୟ ସଂଗ୍ରହ କରି କ୍ରାଇମ୍ ମ୍ୟାପିଂ କରିବା ଜରୁରୀ। ଏହା ସହିତ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ସାଧାରଣ ଲୋକଙ୍କ ସହିତ ବନ୍ଧୁ ଭଳି ସୁସମ୍ପର୍କ ରକ୍ଷା କରିପାରିଲେ ପୁଲିସକୁ ସୂଚନା ମିଳିବା ସହଜ ହେବ। ଏହା ଦ୍ୱାରା ପୁଲିସକୁ ମଧ୍ୟ ଅନେକ ସ୍ଥଳରେ ଆଗୁଆ ପଦକ୍ଷେପ ନେବା ପାଇଁ ସୁବିଧା ହେବ। ପୁଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା ଦ୍ୱାରା ଅପରାଧୀଙ୍କ ମଧ୍ୟରେ ଭୟ ସୃଷ୍ଟି ହେବା ସହିତ ସାଧାରଣ ଜନତାଙ୍କ ମଧ୍ୟରେ ଆସ୍ଥା ସୃଷ୍ଟି ହୋଇପାରିବ।

ଜିଲ୍ଲାପାଳ ଓ ଏସ୍‌ପିମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସେମାନେ ଜିଲ୍ଲାସ୍ତରରେ ନିୟମିତ ଭାବେ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତି ସମୀକ୍ଷା କରି ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ପଠାନ୍ତୁ। ମୁଖ୍ୟ ଶାସନ ସଚିବ ମଧ୍ୟ ଜିଲ୍ଲାର ସ୍ଥିତି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ନିୟମିତ ଭାବେ ଅବଗତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଏବଂ ଏସ୍‌ପିମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ପୁଲିସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସମେତ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନୂଆ ପୁଲିସ ଡିଜି ଚୟନ ପାଇଁ କସରତ୍

## ୟୁପିଏସସିକୁ ଗଲା ୧୧ ବରିଷ୍ଠ ଆଇପିଏସ୍ ନାଁ

ଭୁବନେଶ୍ୱର(ରା.ରି):ରାଜ୍ୟରେ ନୂଆ ପୁଲିସ ଡିଜି ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି ରାଜ୍ୟ ସରକାର। ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନୂଆଦିଲ୍ଲୀ ଯାଇ ଶୁକ୍ରବାର ନିର୍ଦ୍ଧାରିତ ଫର୍ମାଟରେ ୟୁପିଏସସି କର୍ତ୍ତୃପକ୍ଷଙ୍କ ପାଖରେ ପରବର୍ତ୍ତୀ ପୁଲିସ ଡିଜି ନିମନ୍ତେ ସର୍ଟଲିଷ୍ଟ ହୋଇଥିବା ୧୧ଜଣ ବରିଷ୍ଠ ଆଇପିଏସଙ୍କ ସମ୍ପର୍କିତ ବିବରଣୀକୁ ଦାଖଲ କରିଛନ୍ତି। ରାଜ୍ୟର ନୂଆ ପୁଲିସ ଡିଜି ପଦବୀ ନିମନ୍ତେ ତାଲିକାଭୁକ୍ତ ଆଇପିଏସଙ୍କ ବିବରଣୀ ପଠାଇବା ପାଇଁ ୟୁପିଏସସି କର୍ତ୍ତୃପକ୍ଷ ମଇ ୧୪ତାରିଖରେ (ଗତକାଲି) ରାଜ୍ୟ ସରକାରଙ୍କୁ ଚିଠି ପଠାଇବା ପରେ ଆଜି ଏସବୁ ଦସ୍ତାବିଜ ବିଧିବଦ୍ଧ ଭାବେ ଦାଖଲ କରିଥିବା ଜଣାପଡ଼ିଛି।

ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ପରବର୍ତ୍ତୀ ଡିଜିପି ପଦବୀ ନିମନ୍ତେ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ସହ ଆଇପିଏସ୍ ସେବାରେ ୩୦ବର୍ଷ କାର୍ଯ୍ୟକାଳ ପୂରଣ କରିଥିବା ୧୧ଜଣ ବରିଷ୍ଠ ଆଇପିଏସ୍ ଅଫିସର (୧୯୯୦ରୁ ୧୯୯୬ ବ୍ୟାଚ୍ ପର୍ଯ୍ୟନ୍ତ)ଙ୍କ ସିସିଆରଠୁ ଆରମ୍ଭ କରି ସମସ୍ତ ତଥ୍ୟକୁ ଗୃହ ବିଭାଗ ଦୁଇଦିନ ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଥିଲା। ଯାହାକୁ ସାଧାରଣ ପ୍ରଶାସନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଆଜି ଦିଲ୍ଲୀ ଯାଇ ଦାଖଲ କରିଛନ୍ତି।

ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ ପାଇଁ ଯେଉଁ ୧୧ଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାଁ ସର୍ଟଲିଷ୍ଟ ହୋଇଛି ସେମାନେ ହେଲେ ୧୯୯୦ ବ୍ୟାଚ ଆଇପିଏସ୍ ଅଗ୍ନିଶମ ସେବା ଡିଜି ସୁଧାଂଶୁ ଷଡ଼ଙ୍ଗୀ, ୧୯୯୩ ବ୍ୟାଚର ଜେଲ୍ ଡିଜି ସୁଶାନ୍ତ ନାଥ ଓ ଗୁଇନ୍ଦା ଡିଜି ଆରପି. କୋଚେଙ୍କ ସମେତ ୧୯୯୪ ବ୍ୟାଚର ସଞ୍ଜିବ ପଣ୍ଡା ଓ ଯଶବନ୍ତ ଜେଠୱା,୧୯୯୫ ବ୍ୟାଚର ରୀତୁ ଅରୋରା, ସୌମେନ୍ଦ୍ର



ପ୍ରିୟଦର୍ଶୀ, ପିଏସ୍ ରଣପିସେ ଓ ସନ୍ତୋଷ ବାଲା, ୧୯୯୬ ବ୍ୟାଚର ଅରୁଣ ବୋଥ୍ରା ଓ ସୁନୀତା କାକରନ ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ଆଇପିଏସ୍ ରୀତୁ , ରଣପିସେ ଓ ସୁନୀତା ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି।

ଅନ୍ୟପକ୍ଷରେ ଯେଉଁ ୧୧ଜଣ ବରିଷ୍ଠ ଆଇପିଏସଙ୍କୁ ସର୍ଟଲିଷ୍ଟ କରାଯାଇଛି ସେଥିରେ ବରିଷ୍ଠତା ଭିତ୍ତିରେ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆରପି କୋଚେଙ୍କ ନାମ ପରବର୍ତ୍ତୀ ଡିଜିପି ନିମନ୍ତେ ଅଧିକ ଚର୍ଚ୍ଚାରେ ରହିଛି। ତେବେ ଓଡ଼ିଆ ଅଫିସର ଭାବେ ସୁଧାଂଶୁ ଷଡ଼ଙ୍ଗୀ, ସଞ୍ଜିବ ପଣ୍ଡା ଓ ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ପଦବୀ ପାଇଁ ମୁଖ୍ୟ ଦାବିଦାର ଅଛନ୍ତି। ସୁଧାଂଶୁଙ୍କର ଦିଲ୍ଲୀ ଲବି (ପୃଷ୍ଠା-୭ଦେଖନ୍ତୁ)

## ନିଟ୍ ପରୀକ୍ଷାକୁ ନେଇ ମୁହଁ ଖୋଲିଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଛାତ୍ରଛାତ୍ରୀଙ୍କ ପରିଶ୍ରମ ପ୍ରତି ସରକାର ସମ୍ବେଦନଶୀଳ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ:ଛାତ୍ରଛାତ୍ରୀଙ୍କ ପରିଶ୍ରମ ପ୍ରତି ସରକାର ସମ୍ବେଦନଶୀଳ। ରାଷ୍ଟ୍ରୀୟ ସ୍ୱାର୍ଥ ତଥା ମେଧାବୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସମ୍ପୂର୍ଣ୍ଣ ଅଧିକାର ଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି ଶୁକ୍ରବାର ନୂଆଦିଲ୍ଲୀ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମନ୍ତ୍ରୀ ଶ୍ରୀ ପ୍ରଧାନ ଏକ ବଡ଼ ଘୋଷଣା କରି କହିଛନ୍ତି ଯେ, ପରୀକ୍ଷା ପ୍ରଣାଳୀରେ ସ୍ୱଚ୍ଛତା ଆଣିବା ପାଇଁ ଆସନ୍ତା ବର୍ଷ ଠାରୁ ନିଟ୍ ପରୀକ୍ଷା ଓଏମଆର ସିଟ୍ ବଦଳରେ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ବା ସିବିଟି ମୋଡ୍‌ରେ କରାଯିବ ।

ଶ୍ରୀ ପ୍ରଧାନ ନିଟ୍ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା, ସାଧୁତା ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଗତ ମେ' ୩ ତାରିଖରେ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)ର ଅଭିଯୋଗ ନିବାରଣ ପ୍ରଣାଳୀ ମାଧ୍ୟମରେ ଏକ ଆପତ୍ତି ମିଳିଥିଲା ଯେ ବଜାରରେ ଉପଲବ୍ଧ କିଛି 'ଗେସ୍ ପେପର'ର ପ୍ରଶ୍ନ ସହ ଚଳିତ ବର୍ଷର ମୂଳ ପ୍ରଶ୍ନପତ୍ରର ସାମଞ୍ଜସ୍ୟ ରହିଛି । ଏହାକୁ ଗମ୍ଭୀରତାର ସହ ନେଇ ଉଚ୍ଚଶିକ୍ଷା ବିଭାଗ ଏବଂ ଏନଟିଏ ତୁରନ୍ତ ଏକ ପ୍ରାଥମିକ ସମୀକ୍ଷା କରି ମାମଲାକୁ ଭାରତ ସରକାରଙ୍କ ସମ୍ପୃକ୍ତ ଏଜେନ୍ସିଗୁଡ଼ିକୁ ହସ୍ତାନ୍ତର କରିଥିଲେ । ବିଭିନ୍ନ ରାଜ୍ୟର ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରାଯାଇ ଏହା ନିଶ୍ଚିତ ହୋଇଥିଲା ଯେ, 'ଗେସ୍ ପେପର' ଆଳରେ ପ୍ରକୃତ ପରୀକ୍ଷା ପ୍ରଶ୍ନପତ୍ର ହିଁ ଲିକ୍ କରାଯାଇଥିଲା ।

ଶ୍ରୀ ପ୍ରଧାନ କହିଛନ୍ତି, କୌଣସି ଯୋଗ୍ୟ ଓ ମେଧାବୀ ଛାତ୍ର ଶିକ୍ଷା ମାଫିଆ କିମ୍ବା ଜାଲିଆତି କରୁଥିବା ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ଯୋଗୁଁ ନିଜର ଅଧିକାରରୁ ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଆମେ ପରୀକ୍ଷା ବାତିଲ କରିବାର କଠୋର ନିଷ୍ପତ୍ତି ନେଇଥିଲୁ ।



ପୂର୍ବରୁ ହୋଇଥିବା ଅନିୟମିତତା ପରେ ଗଠିତ 'ରାଧାକୃଷ୍ଣନ୍ କମିଟି'ର ପ୍ରତ୍ୟେକ ସୁପାରିଶକୁ ୨୦୨୫ ଏବଂ ୨୦୨୬ ବର୍ଷ ପାଇଁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଥିଲା। ଏହା ସତ୍ତ୍ୱେ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିଥିବାରୁ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି। ସରକାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଧୈର୍ଯ୍ୟର ସହ ପୁନଃ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ସେ ଅନୁରୋଧ କରିଛନ୍ତି। (ପୃଷ୍ଠା-୭ଦେଖନ୍ତୁ)

# ଏବର୍ଷ ଭାରତରେ ପଡିବ ପ୍ରଚଣ୍ଡ ମରୁଡ଼ି

ନୂଆଦିଲ୍ଲୀ:ଚଳିତ ବର୍ଷ ଦେଖାଦେଇପାରେ ଭୟଙ୍କର ମରୁଡ଼ି । ବିନାଶକାରୀ ରୂପ ଧାରଣ କରିପାରେ ଏଲ-ନିନୋ; ଯାହାର ପ୍ରଭାବରେ ଉତ୍ପାଦନ ଓ ଜଳଯୋଗାଣ ଭୀଷଣ ଭାବରେ ପ୍ରଭାବିତ ହେବ। ଏଭଳି ଚେତାବନୀ ଶୁଣାଇଛନ୍ତି ପାଣିପାଗ ବିଶେଷଜ୍ଞମାନେ । ସେମାନେ କହିଛନ୍ତି ଯେ ୨୦୨୬ ଅତ୍ୟନ୍ତ ଶକ୍ତିଶାଳୀ ଏଲ୍-ନିନୋ ଘଟଣାର ବର୍ଷ ହେବ। ଏହି ରେକର୍ଡ ଅତୀତର ଅନ୍ୟତମ ସବୁଠୁ ଶକ୍ତିଶାଳୀ ଏଲ୍-ନିନୋ ହୋଇପାରେ । ଅନେକ ଅନ୍ତର୍ଜାତୀୟ ଜଳବାୟୁ ମଡେଲ ଓ ଆମେରିକାର ନୋଆ ଭଳି ପ୍ରମୁଖ ଜଳବାୟୁ ସଂଗଠନ ସ୍ପଷ୍ଟ କରିଛନ୍ତି ଯେ, ଚଳିତ ମେ'-ଜୁଲାଇ ସୁଦ୍ଧା ଏଲ୍-ନିନୋ ଘଟଣାର ୮୨ ପ୍ରତିଶତ ଆଶଙ୍କା ରହିଛି । ଡିସେମ୍ବର ୨୦୨୬ ସୁଦ୍ଧା ଏହା ୯୬ ପ୍ରତିଶତ ନିଶ୍ଚିତ ବୋଲି ବିବେଚନା କରାଯାଉଛି । କିଛି ବୈଜ୍ଞାନିକ ପୂର୍ବାନୁମାନ କରୁଛନ୍ତି, ଏହା ୧୮୭୭ର ଭୟାନକ ଏଲ୍-ନିନୋଠୁ ମଧ୍ୟ ଅଧିକ ବିନାଶକାରୀ ହୋଇପାରେ । ଏହି ଘଟଣାର ପ୍ରଭାବ ଜଳବାୟୁ କୃଷି, ଜଳ ଓ ଅର୍ଥବ୍ୟବସ୍ଥା ଉପରେ ପଡିବ ।

ଏଲ୍-ନିନୋ ଏକ ପ୍ରାକୃତିକ ଜଳବାୟୁ ଚକ୍ର, ଯାହା ପ୍ରଶାନ୍ତ ମହାସାଗରର ଭୂମଧ୍ୟ ରେଖା କ୍ଷେତ୍ରରେ ଘଟେ। ସାଧାରଣ ସ୍ଥିତିରେ ଏଠାରେ ପୂର୍ବ ଦିଗରୁ ବାୟୁପ୍ରବାହିତ ହୁଏ, ଯାହା ଉଷ୍ମ ଜଳକୁ ପଶ୍ଚିମ ଦିଗକୁ ଠେଲେ । କିନ୍ତୁ ଯେତେବେଳେ ଏଲ୍-ନିନୋ ସୃଷ୍ଟି ହୁଏ, ଏହି ବାୟୁ ଦୁର୍ବଳ ହୁଏ କିମ୍ବା ବିପରୀତ ଦିଗରେ ପ୍ରବାହିତ ହେବାକୁ ଲାଗେ । ଫଳସ୍ୱରୂପ ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ କ୍ଷେତ୍ରରେ ଉଷ୍ମ ଜଳ ଜମା ହୁଏ । ଏହି ଉଷ୍ମ ଜଳ ବାୟୁର ଦିଗ ପରିବର୍ତ୍ତନ କରେ । ପୃଥିବୀରେ ମୌସୁମୀ ପ୍ୟାଟର୍ନ ବଦଳିଯାଏ।



ଏଲ୍-ନିନୋ ସାଧାରଣତଃ ପ୍ରତି ୨-୭ ବର୍ଷରେ ଆସେ ଏବଂ ୯-୧୨ ମାସ ଯାଏ ରହେ । ଏହାର ଶକ୍ତିକୁ ସମୁଦ୍ର ଜଳର ତାପମାତ୍ରା ଦ୍ୱାରା ମପାଯାଏ। ଯଦି ତାପମାତ୍ରା ହାରାହାରିଠୁ ୨ ଡିଗ୍ରୀ ସେଲ୍‌ସିୟସ କିମ୍ବା ତା'ଠୁ ଅଧିକ ବଢିଯାଏ, ତେବେ ତାକୁ ସୁପର୍ ଏଲ୍- ନିନୋ କୁହାଯାଏ । ୨୦୧୫-୧୬ର ଏଲ୍-ନିନୋ ଶେଷ ସୁପର୍ ଏଲ୍-ନିନୋ ଥିଲା । ଏବେ ୨୦୨୬ରେ ପୁଣି ଏକ ଶକ୍ତିଶାଳୀ ସୁପର୍ ଏଲ୍-ନିନୋ ଘଟଣାର ଆଶଙ୍କା କରାଯାଉଛି । ଏଲ୍-ନିନୋର ପ୍ରଭାବ ପ୍ରତ୍ୟେକ ସ୍ଥାନରେ ଭିନ୍ନ ଭିନ୍ନ ହୋଇଥାଏ । କିଛି ସ୍ଥାନରେ ଭୀଷଣ ବର୍ଷା ଓ ବନ୍ୟା ଆସିବ । ଆଉ କିଛି ସ୍ଥାନରେ ଉତ୍କଟ ମରୁଡି ପଡିବ । ବ୍ରାଜିଲ, ପେରୁ ଓ ଆଖପାଖ ଅଞ୍ଚଳରେ ଭୀଷଣ ବର୍ଷା ଓ ବନ୍ୟା ଆଶଙ୍କା ରହିଛି । ଅଷ୍ଟ୍ରେଲିଆ ଓ ଇଣ୍ଡୋନେସିଆରେ ମରୁଡି ଓ ଜଙ୍ଗଲ ନିଆଁ ବଢିପାରେ । ଦକ୍ଷିଣ ଆଫ୍ରିକାରେ ମରୁଡି ଓ ଦୁର୍ଭିକ୍ଷ ବିପଦ ରହିଛି । ଶୀତଦିନେ ଦକ୍ଷିଣ ଆମେରିକାରେ ଅଧିକ ବର୍ଷା ଏବଂ ଉତ୍ତରରେ ଗରମ ଆଶଙ୍କା ଅଛି । ଆଟ୍ଲାଣ୍ଟିକ୍ ମହାସାଗରରେ ବାତ୍ୟା ଆଶଙ୍କା କମିପାରେ କିନ୍ତୁ ପ୍ରଶାନ୍ତ ମହାସାଗରରେ ବଢିପାରେ ।

ଏଥର ସବୁଠୁ ବଡ ଚିନ୍ତାର ବିଷୟ ହେଉଛି ପୂର୍ବରୁ ଉତ୍ତପ୍ତ ପୃଥିବୀକୁ ଏଲ୍-ନିନୋ ଆସୁଛି । ଗତ ଅନେକ ବର୍ଷ ହେଲା ସମୁଦ୍ର ତାପମାତ୍ରା ଅସାଧାରଣ ରୂପେ ବଢିଚାଲିଛି । ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱ ଉତ୍ତାପନ ଦ୍ରୁତ ହେଉଛି । ଏହି ସ୍ଥିତିରେ ଏକ ଶକ୍ତିଶାଳୀ ଏଲ୍-ନିନୋ ଆସିବା ଦ୍ୱାରା ଉଭୟର ପ୍ରଭାବ ଆହୁରି ବଢିଯିବ । ନୋଆ ଅନୁସାରେ, ସମୁଦ୍ର ଗଭୀରରେ ପୂର୍ବରୁ ଉଷ୍ମ ଜଳର ବହୁତ ବଡ ଭଣ୍ଡାର ସୃଷ୍ଟି ହୋଇଛି, ଯାହା ପୃଷ୍ଠକୁ ଆସିବ ଏବଂ ଏଲ୍-ନିନୋ ଆହୁରି ଶକ୍ତିଶାଳୀ ହେବ । କିଛି ମଡେଲ ଅନୁସାରେ, ଆସନ୍ତା ନଭେମ୍ବର ସୁଦ୍ଧା ସମୁଦ୍ର ତାପମାତ୍ରା ହାରାହାରିଠୁ ୩ ଡିଗ୍ରୀ ଯାଏ ବଢିପାରେ । ଏହା ଦ୍ୱାରା ୨୦୨୬- ୨୦୨୭ରେ ବୈଶ୍ୱିକ ତାପମାତ୍ରା ନୂଆ ରେକର୍ଡ କରିପାରେ । ବୈଜ୍ଞାନିକ କହୁଛନ୍ତି, ଏହି ଏଲ୍-ନିନୋ କେବଳ ଋତୁଗତ ପରିବର୍ତ୍ତନ ଆଣିବ ନାହିଁ, ବରଂ ପୂର୍ବରୁ ଥିବା ମରୁଡି, ଗରମ ଓ ଜଳାଭାବ ସମସ୍ୟାକୁ ଆହୁରି ଗମ୍ଭୀର କରିବ ।

୧୮୭୭ର ଏଲ୍-ନିନୋକୁ ଏପର୍ଯ୍ୟନ୍ତର ସବୁଠୁ ବିନାଶକାରୀ ବିବେଚନା କରାଯାଏ । ସେତେବେଳେ ଭାରତ, ଚୀନ୍, ବ୍ରାଜିଲ ଓ ଆଫ୍ରିକାର ଅନେକ ସ୍ଥାନରେ ଭୟଙ୍କର ମରୁଡି ପଡିଥିଲା । ଫସଲ ନଷ୍ଟ ହୋଇଯାଇଥିଲା । ଭାରତରେ ବି ଭୀଷଣ ଅକାଳ ପଡିଥିଲା । ଲକ୍ଷାଧିକ ଲୋକ ଦୁର୍ଭିକ୍ଷରେ ପ୍ରାଣ ହରାଇଥିଲେ । ୧୯୮୨-୮୩, ୧୯୯୭-୯୮ ଓ ୨୦୧୫-୧୬ର ଏଲ୍-ନିନୋ (ପୃଷ୍ଠା-୭ଦେଖନ୍ତୁ)

# ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଭୁଲ ଅର୍ଥରେ ନେଲେ ଜନତା, ବୋହି ନେଲେ ତେଲ

ଭୁବନେଶ୍ୱର(ରା.ରି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେଟ୍ରୋଲ, ଡିଜେଲର ବ୍ୟବହାର କମ୍ କରିବାକୁ କହିବା ପରେ ସ୍ଥିତି ଜଟିଳ ରୂପ ନେଇଥିଲା। ଗତ ଦିନେ ଦୁଇ ଦିନ ହେଲା ଦେଶ ତଥା ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପରେ ନାହିଁ ନଥିବା ଭିଡ ଦେଖିବାକୁ ମିଳିଥିଲା । କିନ୍ତୁ ରବିବାର ପ୍ରାୟ ପେଟ୍ରୋଲ ପମ୍ପ ପୂର୍ବ ଅବସ୍ଥାକୁ ଫେରିଆସିଛି । ରବିବାର ଆଉ ସେମିତି ଭିଡ ପେଟ୍ରୋଲ ପମ୍ପଗୁଡିକରେ ଦେଖିବାକୁ ମିଳିନଥିବାରୁ ଜନତା ଏବେ ଆଶ୍ୱସ୍ତି ହୋଇଛନ୍ତି । ପ୍ରଧାନମନ୍ତ୍ରୀ ସମସ୍ୟା ହେବ ବୋଲି କହିବାର କିଛି ସମୟ ଭିତରେ ତେଲ ଅଭାବ ଯୋଗୁ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବା ଦୃଶ୍ୟ ଲୋକମାନଙ୍କ ଭିତରେ ଅଧିକ ଭୟର ବାତାବରଣ ସୃଷ୍ଟି କରିଥିଲେ। ଏଭଳି ସ୍ଥିତିରେ ଆଇଓସିଏଲ୍ ସିଜିଏମ୍ କମଲ୍ ସିଲ୍ କହିଛନ୍ତି, ଭୟର ବାତାବରଣ କେହି ସୃଷ୍ଟି କରନ୍ତୁ ନାହିଁ। ଏହାକୁ ନେଇ ବର୍ତ୍ତମାନ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ପେଟ୍ରୋଲ, ଡିଜେଲ ଆସିବାରେ ଗତ ୨ ମାସ ହେଲା ବିଭିନ୍ନ ସ୍ଥାନରେ ସମସ୍ୟା ରହୁଥିବା ନେଇ ଖବର ସମସ୍ତେ ଦେଖୁଥିଲେ। ମାତ୍ର ଏହାକୁ ନେଇ ଅନ୍ୟ ସ୍ଥାନଗୁଡିକରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁ ନ ଥିଲା। କିନ୍ତୁ ପ୍ରଧାନମନ୍ତ୍ରୀ ପେଟ୍ରୋଲ, ଡିଜେଲ ବ୍ୟବହାର କମ୍ କରିବାକୁ ଆହ୍ୱାନ କରିବା ସହ ଇଲେକ୍ଟ୍ରିକ୍ ଗାଡ଼ି କିଣିବା ଉପରେ ଗୁରୁତ୍ୱ ଦେବାକୁ କହିବା ପରେ ଲୋକମାନେ ବ୍ୟସ୍ତ ହୋଇ ପେଟ୍ରୋଲ ପମ୍ପରେ ଗହଳି ଲଗାଇଲେ। ଏବେ ରାଜ୍ୟର ଅଧିକାଂଶ ପମ୍ପ ବାରମ୍ବାର ବନ୍ଦ ରହିବା ଦୃଶ୍ୟ ଦେଖିବାକୁ ମିଳୁଛି। ସିଲ୍ ଆହୁରି କହିଛନ୍ତି, ଓଡ଼ିଶାରେ ପେଟ୍ରୋଲ, ଡିଜେଲର ଷ୍ଟକ୍ ଯଥେଷ୍ଟ ପରିମାଣରେ ରହିଛି। ଇଣ୍ଡିଆନ, ଏଚ୍‌ପିସିଏଲ୍ ଏବଂ ବିପିସିଏଲ୍ ୮ଟି ମାର୍କେଟିଂ ଯୋଗାଣ ଠିକଣା ରହିଛି। ସେହି ସବୁ ସ୍ଥାନରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲ, ଡିଜେଲ ଆସୁଛି। ଉକ୍ତ ଯୋଗାଣ ସ୍ଥାନଗୁଡ଼ିକୁ ପାରାଦୀପ ରିଫାଇନେରିରୁ ପାଇପ୍‌ଲାଇନ୍ ସଂଯୋଗ ରହିଛି। କେଉଁଠାରେ ମଧ୍ୟ ଅଭାବ ନାହିଁ। କୌଣସି ସ୍ଥାନରେ ଭୟର ବାତାବରଣ ସୃଷ୍ଟି କରିବା ଠିକ୍ ନୁହେଁ। ତେଣୁ ଲୋକମାନେ ଅଧିକ ପରିମାଣର ତେଲ କିଣି ମହଜୁଦ କରିବାର ଆବଶ୍ୟକତା ନାହିଁ। ଓଡ଼ିଶାରେ ୨୮୦୦ଟି ରିଟେଲ ଆଉଟଲେଟ୍ ରହିଛି। ମାତ୍ର ୧୦ରୁ ୨୦ଟି ପମ୍ପ



ଆଗରୁ ବନ୍ଦ ରହିଛି। ସେହି ପମ୍ପଗୁଡିକର ଜମିଜମା ଏବଂ ଆର୍ଥିକ ସମସ୍ୟା ପାଇଁ ବନ୍ଦ ରହେ। ସବୁ ଜିଲାର ପମ୍ପଗୁଡ଼ିକରେ ୩ ଦିନର ଡିଜେଲ ଏବଂ ପେଟ୍ରୋଲ ଷ୍ଟକ୍ ରହୁଛି। ଲୋକମାନେ ଲମ୍ବା ଲାଇନ ଲଗାଇବାର ଆବଶ୍ୟକତା ନାହିଁ। ଲୋକମାନେ ପମ୍ପଗୁଡ଼ିକରେ ଧାଡ଼ି ଲଗାଇ ରହୁଥିବା ଯୋଗୁ ଅନେକ ପମ୍ପରେ ମାତ୍ର ୨ରୁ ୩ ଘଣ୍ଟା ସମସ୍ୟା ରହୁଛି। ଭୟର ବାତାବରଣ କେହି ସୃଷ୍ଟି ନ କରିବା ଦରକାର। ପରିସ୍ଥିତିକୁ ଦେଖି ବିପିସିଏଲ୍, ଏଚ୍‌ପିସିଏଲ୍ ଏବଂ ଆଇଓସିଏଲ୍ ପକ୍ଷରୁ ରାତିରେ ଗାଡ଼ି ଚଳାଚଳ ପାଇଁ ଅନୁମତି ଦିଆଯାଇ ଯେଉଁଠି ତେଲ ସମସ୍ୟା ରହୁଛି, ତାହାକୁ ସମାଧାନ କରାଯିବ। ୩୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ତେଲ କିଣାବିକା ବୃଦ୍ଧି ପାଇଯାଇଛି। ତେଣୁ ତୈଳ ସମସ୍ୟା ରହିଛି ବୋଲି ଯଦି କୌଣସି କଥା ଚର୍ଚ୍ଚା କରାଯାଉଛି, ତାକୁ ବିଶ୍ୱାସ କରିବା ଠିକ୍ ନୁହେଁ। ଏହାପରେ ପୁନର୍ବାର ଆଇଓସିଏଲ୍ ଅଫିସରେ ଖବରଦାତା ସମ୍ମିଳନୀ କରି ସିଲ୍ କହିଛନ୍ତି, ଗତ ୨ ଦିନରେ ୩୭ ପ୍ରତିଶତ ତେଲର ଚାହିଦା ବଢିଛି, ଯାହା ସାରା ଦେଶରେ ସର୍ବାଧିକ। ସ୍ୱାଭାବିକ ସ୍ଥିତିରେ ଏହି ଅଭିବୃଦ୍ଧି ୩ରୁ ୪ ପ୍ରତିଶତ ହୋଇଥାଏ। ପୂର୍ବରୁ ପେଟ୍ରୋଲ ୪ ହଜାର କିଲୋଲିଟର ଏବଂ ଡିଜେଲ ୧୧ ହଜାର କିଲୋ ଲିଟର ଚାହିଦା ଥିଲା। ଏବେ ପେଟ୍ରୋଲ ୫ରୁ ୫.୫ ଏବଂ ଡିଜେଲ ୧୩ ହଜାର କିଲୋ ଲିଟରକୁ ବୃଦ୍ଧି ପାଇଛି। ଲୋକମାନେ ପ୍ଲାଷ୍ଟିକ୍ ଜାର୍‌ରେ ତେଲ ନେଉଥିବା ଦେଖାଯାଉଛି, ଏହାକୁ ରୋକିବା ପାଇଁ ଜିଲା ସ୍ତରରେ କମିଟି କରାଯାଇଛି।

ତୈଳ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସବୁବେଳେ ପ୍ଲାଷ୍ଟିକ୍ ଡବାରେ ଲୋକମାନେ ତେଲ ନେଇଥାଆନ୍ତି। ଏହା କିଛି ନୂଆ କଥା ନୁହେଁ। ମୁଖ୍ୟତଃ ଚାଷ କାର୍ଯ୍ୟ ଲାଗି କୃଷକମାନ ପ୍ଲାଷ୍ଟିକ୍ ଡବାରେ ତେଲ ନେଇଥାଆନ୍ତି। ମାତ୍ର ନିଜ ଦୋଷକୁ ଲୁଚାଇବା ଲାଗି ବର୍ତ୍ତମାନ ପ୍ଲାଷ୍ଟିକ୍ ଡବାରେ ତେଲ ଦେବାକୁ ଏକ ବାହାନା ଭାବେ ଗ୍ରହଣ

ରାଜଧାନୀ ରିପୋର୍ଟର
RAJDHANI Reporter

## ଆବଶ୍ୟକ

ସାପ୍ତାହିକ ଖବରକାଗଜ ରାଜଧାନୀ ରିପୋର୍ଟର ରାଜ୍ୟର ସମସ୍ତ ବ୍ଲକରେ ପ୍ରତିନିଧି, ଏଜେଣ୍ଟ ଓ କାର୍ଯ୍ୟାଳୟ ପାଇଁ ଭିଜୁଆଲ ଏଡିଟର ଆବଶ୍ୟକ କରୁଛି। ଇଚ୍ଛୁକ ପ୍ରାର୍ଥୀ ରାଜଧାନୀ ରିପୋର୍ଟରର ମେଲ ଆଇଡି reporterrajdhani@gmail.comରେ ନିଜର ବାୟୋଡାଟା ପଠାନ୍ତୁ।



ସଂପାଦକ

## ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

# ତିନି ପ୍ରମୁଖ ଦଳ ର ସଂଗଠନ ଅସଜଡ଼ା !

ବାଲିଗୁଡା, (ସଞ୍ଜୟ କୁମାର ପାଣିଗ୍ରାହୀ) :ଆଉ କେଇଟା ମାସ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଥିବା ବେଳେ ଏନେଇ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହେଲାଣି । କନ୍ଧମାଳ ଜିଲ୍ଲାର ବାଲିଗୁଡା ବିଧାନସଭା କ୍ଷେତ୍ର ରେ ରହିଥିବା ୫ ଟି ଜିଲ୍ଲା ପରିଷଦରେ ୫୫ ଟି ଗ୍ରାମ ପଞ୍ଚାୟତ ରହିଛି । କିନ୍ତୁ ବର୍ତ୍ତମାନ ର ଶାସକ ବିଜେପି ଦଳ ଠାରୁ ଆରମ୍ଭ କରି ବିଜେଡି ଓ କଂଗ୍ରେସ ଦଳ ର ସଂଗଠନ ଅସଜଡ଼ା ରହିଥିବା ରାଜନୈତିକ ଆଲୋଚକ ମାନେ ବିଭିନ୍ନ ସ୍ଥାନରେ ଆଲୋଚନା କରୁଥିବା ଦେଖିବାକୁ ମିଳୁଛି । ଏହି ଅଞ୍ଚଳ ଦୁଇ ଦୁଇ ଥର ର ବିଧାୟକ ଟୁଣୁଆ ଆଦିବାସୀ ନେତା କରେନ୍ଦ୍ର ମାଝି ଙ୍କ ନିଧନ ପରେ ଏବେ ତଳ ସ୍ତରରେ ରହିଥିବା ବିଜେପି କର୍ମୀ ଓ ନେତା ବେସାହରା ହୋଇପଡିଛନ୍ତି । କରେନ୍ଦ୍ର ମାଝିଙ୍କ ଲୋକ କହି ତାଙ୍କୁ ସାଙ୍ଗଠନିକ ଦାୟିତ୍ଵ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି । କରେନ୍ଦ୍ର ଙ୍କ ପୁଅ ଇଂ.ଚିରଞ୍ଜିବୀ ମାଝି ଙ୍କୁ ବାପା ଙ୍କ ସହ ଥିବା ଲୋକଙ୍କୁ ଦଳ ରେ ଅଣଦେଖା କରାଯାଉଥିବା କହିବା ବାପା ଙ୍କ ଭଳି ଅଞ୍ଚଳ ରେ ବୁଲାବୁଲି କରି ଲୋକଙ୍କ ସେବା କରିବା ପାଇଁ କହୁଥିବା ଦେଖିବାକୁ ମିଳିଛି । ଏପରି ସ୍ଥଳେ ଏହି ନିର୍ବାଚନ ମଣ୍ଡଳୀ ରେ ଗତ ସାଧାରଣ ନିର୍ବାଚନ ରେ ତୃତୀୟ ସ୍ଥାନ ରେ ରହିଥିବା ଶାସକ ବିଜେପି କିଭଳି ଅନ୍ୟ ଦୁଇ ଦଳ ବିଜେଡି ଓ କଂଗ୍ରେସ କୁ ମୁକାବିଲା କରିବାକୁ ସକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ । ବିଜେଡି ଏଠି ଏକ ନମ୍ବର ସ୍ଥାନରେ ରହିଥିବା ବେଳେ ୨୦୧୪ ରୁ ଲଗାତର ତିନି ଥର ବିଜୟୀ ହୋଇଛି । ବିଗତ ରାଜ୍ୟ ସଭା ନିର୍ବାଚନ ରେ ବିଧାୟକ ଚକ୍ରମଣି କହଁର ଦଳ ବିରୋଧୀ କାର୍ଯ୍ୟ କରି ଦଳ ରୁ ନିଲମ୍ବିତ ହୋଇଛନ୍ତି । ସେହି ଦିନ ଠାରୁ ତାଙ୍କର ନିର୍ବାଚନ ମଣ୍ଡଳୀ ରେ ଦେଖିବାକୁ ମିଳୁ ନାହିଁ । ତଳ ସ୍ତରର କର୍ମୀ ଓ ନେତା କରିବେ କଣ ତାଙ୍କୁ ଭୋଟର ପଚାରୁଛନ୍ତି ପ୍ରଶ୍ନ । ବିଜେଡି ରେ କାର୍ଯ୍ୟ କରୁଥିବା ସଂଗଠନ ଏବେ ଫାଟି ଦୁଇ ଫାଳ ହୋଇଯାଇଥିବା




କୁହାଯାଉଛି । କିନ୍ତୁ ଏ ନେଇ କିଏ କିଛି କହୁନଥିବା କୁହାଯାଉଛି, କିନ୍ତୁ ତାହା ପଞ୍ଚାୟତ ନିର୍ବାଚନ ରେ ପ୍ରଭାବ ପକାଇବ ବୋଲି କୁହାଯାଉଛି । ସାଧାରଣ ନିର୍ବାଚନ ରେ କଂଗ୍ରେସ ବାରମ୍ବାର ପରାଜୟ ବରଣ କରୁଥିଲେ ମଧ୍ୟ ଅନ୍ୟପଟେ ପଞ୍ଚାୟତ ସ୍ତର ନିର୍ବାଚନ ରେ କଂଗ୍ରେସ ସବୁ ବେଳେ ଚଳଚଞ୍ଚଳ ରହିଥାଏ । କିନ୍ତୁ କଂଗ୍ରେସ ର ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡା ଙ୍କୁ ନେଇ କଂଗ୍ରେସ ମଧ୍ୟ ରେ ସଂଗଠନ ଦୁଇ ଫାଳ ହୋଇଛି । ସଭାପତି ହଟାଇବା ପାଇଁ କଂଗ୍ରେସ ର ଏକ ଟାଣୁଆ ଗୋଷ୍ଠୀ ଭୁବନେଶ୍ଵର ରେ ରାଜ୍ୟ ସଭାପତି ଭକ୍ତ ଚରଣ ଦାସ ଙ୍କ ଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଯାଇଥିବା କୁହାଯାଉଛି । ଏଭଳି ସ୍ଥଳେ କର୍ମୀ ମାନେ କଣ କରିବେ ସେ ନେଇ କଳ୍ପନା ଜଳ୍ପନା ଚଳାଇଛନ୍ତି । ଇତି ମଧ୍ୟରେ ଓଡିଶା ଜନତା କଂଗ୍ରେସ ଦଳ ର ମୁଖ୍ୟ ମହମ୍ମଦ ମୋକିମ ସମଗ୍ର ଜିଲ୍ଲା ଗ୍ରସ୍ତ କରି ଯାଇଥିବା ବେଳେ ବହୁ କଂଗ୍ରେସ ନେତା ଓ କର୍ମୀ ଙ୍କ ସହ ଯୋଗାଯୋଗ ରେ ରହିଥିବା କୁହାଯାଉଛି । କିନ୍ତୁ ଏଥର ପଞ୍ଚାୟତ ନିର୍ବାଚନ ତିନି ଦଳ ଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି । କେବେ ମଧ୍ୟ ଜିଲ୍ଲା ପରିଷଦ ଅଧକ୍ଷ ଆସନ ଅଳଙ୍କୃତ କରିନଥିବା ବିଜେପି ଶାସନ ରେ ରହିଥିବାରୁ କିଭଳି ଅଧକ୍ଷ ଆସନ ଦଖଲ କରି ନିଜର ସମ୍ମାନ ବଜାୟ ରଖିବ ତାଙ୍କ ପାଇଁ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ସେହିଭଳି ବିଜେଡି ପୂର୍ବ ନିର୍ବାଚନର ଫଳାଫଳ ଦୋହରାଇବା ପାଇଁ ସବୁ ପ୍ରକାରର ଉଦ୍ୟମ କରିବ ବୋଲି କର୍ମୀ ମାନେ ଆଶାବାଦୀ ଅଛନ୍ତି । କଂଗ୍ରେସ ମଧ୍ୟ ୨୦୦୨ ରେ ଅଧକ୍ଷ ପଦ ହାତେଇ ଥିଲା । ଏକାକି ଜିଲ୍ଲା ପରିଷଦ ଦଖଲ କରିଥିଲା । ଏଣୁ ଚଳିତ ତ୍ରୀସ୍ତରୀୟ ନିର୍ବାଚନ ରେ ମଧ୍ୟ କଂଗ୍ରେସ ଜିଲ୍ଲା ରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନୈତିକ ବିଷାରଦ ମାନେ ଆଲୋଚନା କରୁଛନ୍ତି । ଏପରି ସ୍ଥଳେ କେଉଁ ଦଳ ନିଜର ଦମ ଦେଖାଇ ଅଧକ୍ଷ ପଦ ହାତେଇ ବାର ସକ୍ଷମ ହୋଇ ପାରୁଛି, ତାହା ଦେଖିବାକୁ ବାକି ରହିଲା ।

## ମା ' ପାଟଖଣ୍ଡା "ସାବିତ୍ରୀ ବେଶ" ରେ ଭକ୍ତଙ୍କୁ ଦର୍ଶନ ଦେଲେ

ବାଲିଗୁଡା, (ରା.ରି): କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ମନ୍ଦିର ପରିସରରେ ସାବିତ୍ରୀ ବ୍ରତ ମହାସମାରୋହ ରେ ପାଳନ ହୋଇଯାଇଛି । ଶନିବାର ସାବିତ୍ରୀ ଅମାବାସ୍ୟା ଅବସରରେ ମା' ପାଟଖଣ୍ଡା "ସାବିତ୍ରୀ ବେଶ" ରେ ଭକ୍ତ ଙ୍କୁ ଦର୍ଶନ ଦେଇଛନ୍ତି । ସାବିତ୍ରୀ ଅମାବାସ୍ୟା ବ୍ରତ ଯୋଗୁଁ କନ୍ଧମାଳ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ଭକ୍ତ ମାନେ ଆସି ମା 'ଙ୍କ ଦର୍ଶନ କରିଥିଲେ | ପ୍ରତ୍ୟୁଷରୁ ମା' ଙ୍କର ରୀତିନୀତି ନିୟମ ଅନୁଯାୟୀ ପୂଜାର୍ଚ୍ଚନା ପରେ ପରେ ମା'ଙ୍କର ଏହି ଦୁର୍ଲଭ ବେଶ କୁ ଦେଖିବା ପାଇଁ ପ୍ରତ୍ୟୁଷ ରୁ ରାତ୍ର ପର୍ଯ୍ୟନ୍ତ ଭକ୍ତ ଙ୍କ ଭିଡ଼ ଲାଗି ରହିଥିଲା | ସମସ୍ତେ ଶୃଙ୍ଖଳିତ ଦର୍ଶନ କରି ତାଙ୍କର ଆଶୀର୍ବାଦ ଲାଭ କରିଥିଲେ | ଏ ନେଇ ମନ୍ଦିର ପରିଚାଳନା କମିଟି ଓ କେତେକ ଭକ୍ତ ଙ୍କ ତରଫରୁ ପ୍ରସାଦ ସହ ପଣା ବଣ୍ଟନ କରାଯାଇଥିଲା । କମିଟି ର ସମସ୍ତ ସଦସ୍ୟ, ପୂଜକ ତଥା ଭକ୍ତ ମାନେ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।



## ଗୋଦାମ ଘରୁ ପିଡିଏସ୍ ଚାଉଳ ଚୋରି ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖିଲେ ଗ୍ରାମବାସୀ

କନ୍ଧମାଳ , (ରା.ରି) : ରାତି ଅଧରେ ଗୋଦାମ ଘରୁ ପିଡିଏସ୍ ଚାଉଳ ଚୋରି ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖିଲେ



ଗ୍ରାମବାସୀ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ମହାସିଙ୍ଗି ପଞ୍ଚାୟତରେ । ସୂଚନା ଅନୁଯାୟୀ ରବିବାର ଡିୟୁଟି ସାରି ଗୋଦାମ ଘର ଏବଂ ଚାଉଳ ବିତରଣ କେନ୍ଦ୍ର ତାଲା ଦେଇ ବନ୍ଦ କରି ଯାଇଥିଲେ ଯୋଗାଣ ସହାୟକ । ସୋମବାର ସକାଳେ ଗୋଦାମ ଘର ତାଲା ଭାଙ୍ଗି ଖୋଲାଥିବା ଦେଖି ମହାସିଙ୍ଗି ସରପଞ୍ଚ ରଞ୍ଜିତ ମଲ୍ଲିକଙ୍କୁ ଜଣାଇଥିଲେ ଅଞ୍ଚଳବାସୀ । ସରପଞ୍ଚ ଘଟଣା ସ୍ଥଳକୁ ଯାଇ ଦେଖିବା ପରେ କ.ନୁଆଗାଁ ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରୀତିରଞ୍ଜନ ବିଶ୍ଵାଳଙ୍କୁ ଜଣାଇଥିଲେ । ଯୋଗାଣ ନିରୀକ୍ଷକ ଘଟଣାସ୍ଥଳରେ ପହଁଞ୍ଚି ଷ୍ଟକ୍ ଯାଞ୍ଚ୍ କରିବା ପରେ ଗୋଦାମ ଘରେ ସମୁଦାୟ ୯୬୩ ବସ୍ତା ଚାଉଳ ଥିଲା ଏବଂ ସେଥିରୁ ୯ ବସ୍ତା ଚାଉଳ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ଘଟଣାସ୍ଥଳରେ ବାଲିଗୁଡ଼ା ପୋଲିସ୍ ପହଁଚି ତଦନ୍ତ ଆରମ୍ଭ କରିଥିବା ବେଳେ ଚୋରି ସନ୍ଦେହରେ ଗ୍ରାମବାସୀ କାବୁ କରିଥିବା ଦୁଇଜଣ ଯୁବକଙ୍କୁ ପୋଲିସର ଜିମା ଦେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ନବରଂଗପୁର ଜିଲ୍ଲାରେ କିଷାନ କ୍ରେଡିଟ୍ କାର୍ଡ ବିତରଣ ମନ୍ଥରତା

ନବରଙ୍ଗପୁର(ରା.ରି) : ନବରଂଗପୁର ଜିଲ୍ଲାରେ କିଷାନ କ୍ରେଡିଟ୍ କାର୍ଡ (କେସିସି) ବିତରଣରେ ମନ୍ଥରତା ପରିଲକ୍ଷିତ ହୋଇଛି । ଫଳରେ ଜିଲ୍ଲାର ଧାନ, ମକା, ଆଖୁ ସହ ପଶୁପାଳନ ଓ ମତ୍ସ୍ୟ ଚାଷୀଙ୍କୁ କୃଷି ଋଣରେ ମିଳୁଥିବା ସବ୍‌ସିଡି ପାଇବାରୁ ଲ୍ୟାମ୍ପ ଗୁଡ଼ିକ ବଞ୍ଚିତ କରୁଛନ୍ତି । ଜିଲ୍ଲାରେ ୧୩ଟି ଲ୍ୟାମ୍ପସ୍ ଜରିଆରେ ଜିଲ୍ଲାରେ ଥିବା ୧ଲକ୍ଷ ୫୬ହଜାର କୃଷକ ପରିବାରରୁ ୧ଲକ୍ଷ ୬୫ହଜାର ୨୩୫ଜଣ ସଭ୍ୟ ଓ ସଭ୍ୟା ଭାବେ ପଂଜୀକୃତ କରାଯାଇଛି । ଏଥିରୁ ୯୯ହଜାର ୪୪୪ଜଣ ସଭ୍ୟ/ସଭ୍ୟାଙ୍କୁ କିଷାନ କ୍ରେଡିଟ୍ କାର୍ଡ ୬୦.୧୦ପ୍ରତିଶତ ବିତରଣ କରାଯାଇଛି । ୬୫ହଜାର ୭୯୧ଜଣ ଏହି କାର୍ଡ ସହ ସୁଧ ପାଇବାରୁ ବଂଚିତ ରହିଛନ୍ତି ।

ଆବେଦନ ପାଇବାର ୧୪ ଦିନ ଭିତରେ ଯୋଗ୍ୟ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ(କେସିସି) ପ୍ରଦାନ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାଙ୍କ ଓ ସମବାୟ ବ୍ୟାଙ୍କ, ଲ୍ୟାମ୍ପ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ତାହା ଏଠାରେ କାର୍ଯ୍ୟକାରୀ ହୋଇ ପାରିନି । ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଗତବର୍ଷ ମଧ୍ୟ ୯୭ହଜାର୩୩୫ଜଣଙ୍କୁ କାର୍ଡ ବିତରଣ ହୋଇଥିବା ବେଳେ ୬୦ହଜାର ୦୬୮ଜଣ କାର୍ଡ ପାଇବାରୁ ବଂଚିତ ହୋଇଥିଲେ ।

ଜିଲ୍ଲାର ୧୩ଟି ଲ୍ୟାମ୍ପସ କେସିସି ବିତରଣରେ ମନ୍ଥରତା ଦେଖିବାକୁ ମିଳିଛି । ସର୍ବାଧିକ ମଇଦଲପୁର ଲ୍ୟାମ୍ପସ୍ ପକ୍ଷରୁ ୮୮୦୭ଜଣ ୮୫.୮୬ପ୍ରତିଶତ ଚାଷୀଙ୍କୁ ବିତରଣ କରାଯାଇଛି । ସର୍ବନିମ୍ନ ପାପାଡାହାଣ୍ଡି ଲ୍ୟାମ୍ପସରୁ ୬୦୩୮ଜଣ ୪୩.୦୫ପ୍ରତିଶତ ବିତରଣ ହୋଇଛି । ନବରଙ୍ଗପୁର ଲ୍ୟାମ୍ପସ ୭୦୬୧, ନନ୍ଦାହାଣ୍ଡି ଲ୍ୟାମ୍ପସ ୮୨୯୧, ତେନ୍ତୁଳିଖୁଣ୍ଟି ୩୪୫୬, ଅଂଚଳଗୁମ୍ମା ୪୨୨୯, କୋଡିଙ୍ଗା ୭୮୭୩, କୋଷାଗୁମୁଡ଼ା ୧୦,୧୨୨, ଡାବୁଗାଁ ୭୯୬୮, ଉମରକୋଟ ୬୫୨୬, ଝରିଗାଁ ୧୧,୯୩୮,



ଚନ୍ଦାହାଣ୍ଡି ୭୦୪୧ ଓ ରାଇଘର ୧୦,୦୮୬ ଏଭଳି ୯୯ହଜାର ୪୪୪ଜଣ ଚାଷୀଙ୍କୁ କିଷାନ କ୍ରେଡିଟ୍ କାର୍ଡ ମିଳିଛି ।

କେସିସିର ବିସ୍ତାର କରି ପଶୁପାଳନ ଏବଂ ମତ୍ସ୍ୟ ଚାଷକୁ ମଧ୍ୟ ଏଥିରେ ସାମିଲ କରାଯାଇଛି । କେନ୍ଦ୍ର ସରକାର କିଷାନ କ୍ରେଡିଟ କାର୍ଡ ଉପରେ ଆଦାୟ ହେଉଥିବା ସୁଧ ଉପରେ ରିହାତି ପ୍ରଦାନ କରୁଛନ୍ତି । ଚାଷୀ କିଷାନ କ୍ରେଡିଟ୍ କାର୍ଡ ପାଇଁ ଆବେଦନ କରିବା ପରେ ଏହି ବ୍ୟବସ୍ଥାରେ ଚାଷୀଙ୍କୁ ସବ୍‌ସିଡିରେ ସରକାର ଋଣ ପ୍ରଦାନ କରିଥାନ୍ତି । ତେବେ ତାହା କାର୍ଡ ପାଇବା ପରେ କାର୍ଯ୍ୟକାରୀ ହୋଇଥାଏ । ସାଧାରଣତଃ ସରକାର ସୁଧ ଉପରେ ୨% ପର୍ଯ୍ୟନ୍ତ ରିହାତି ପ୍ରଦାନ କରନ୍ତି ।

ଯେଉଁ ଚାଷୀମାନେ ଠିକ ସମୟରେ ଋଣ ପରିଶୋଧ କରନ୍ତି, ସେମାନଙ୍କୁ ସରକାର ଏହି ସୁଧ ଉପରେ ଅତିରିକ୍ତ ଆଉ ୧% ଏଭଳି ପ୍ରାୟ ୩% ରିହାତି ଦେଉଛନ୍ତି । ଏହିପରି ଭାବରେ ଆପଣଙ୍କୁ କିଷାନ କ୍ରେଡିଟ୍ କାର୍ଡରୁ ନିଆଯାଇଥିବା ଋଣ ଉପରେ ବାର୍ଷିକ କେବଳ ୪% ରୁ ୬% ସୁଧ ଦେବାକୁ ପଡ଼ିବ । କାର୍ଡ ବିତରଣର ବିଳମ୍ବ ଯୋଗୁଁ ଚାଷୀ ଏହାର ଲାଭ ଉଠାଇପାରିବେ ନାହିଁ । ଏ ନେଇ ବାରମ୍ବାର ଅଭିଯୋଗ ହେବା ସହ ଲ୍ୟାମ୍ପସଗୁଡିକ କିଭଳି ଶତ ପ୍ରତିଶତ ଚାଷୀଙ୍କୁ ଏହି କାର୍ଡ ବିତରଣ କରିବ । ସେ ଦିଗରେ ଯତ୍ନବାନ ହେବାକୁ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ସମବାୟ ବିଭାଗର ସହକାରୀ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ପାରୁନି ।

## ଲୋକ ରଞ୍ଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର/ବରଗଡ଼(ରା.ରି) ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ସଂସ୍କାର ଭାରତୀ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା 'ଲୋକ ରଞ୍ଜନୀ' ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲ୍ଲାର ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ମେ' ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ "ଲୋକ ରଞ୍ଜନୀ" ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।




"ଲୋକ ରଞ୍ଜନୀ" କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ବରଗଡ଼ର ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ କୁମାର ଗର୍ତିଆ ଏବଂ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଓଡ଼ିଶାର ସମୃଦ୍ଧ ଲୋକ ସଂସ୍କୃତି ଓ ଲୋକ ନୃତ୍ୟ ଓ ସଙ୍ଗୀତ ସମ୍ପନ୍ଧରେ ଆଲୋକପାତ କରିବା ସହ ଲୋକ ରଞ୍ଜନୀ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶାର ଯୁବ କଳାକାରମାନଙ୍କୁ ନିଜର ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପ୍ରଦାନ କରିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଲୋକନୃତ୍ୟ ଓ ସଙ୍ଗୀତକୁ ଏକ ଅନନ୍ୟ ପରିଚୟ ପ୍ରଦାନ କରିଥିବା ସମସ୍ତ କଳାକାରମାନଙ୍କୁ ଅତିଥିମାନେ ସାଧୁବାଦ ଜଣାଇବା ସହ ଯୁବ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ ।

ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମରେ କଳାକାରମାନେ ଘୁଡ୍‌କା ନୃତ୍ୟ, ବଜନିୟା ନୃତ୍ୟ, ଘୋଡ଼ା ନାଚ, ପାଇକ ଆଖଡ଼ା, ଘୁମୁରା ନୃତ୍ୟ, ଧୁନକେଲ ନୃତ୍ୟ, ବାଘ ନୃତ୍ୟ, କୁଇ ନୃତ୍ୟ ଆଦି ପରିବେଷଣ କରିଥିଲେ । ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବାଲିଗୁଡାରେ ସାବିତ୍ରୀ ବ୍ରତ ପାଳିତ : କିନ୍ନର ମାନେ ମଧ ପାଳିଲେ ସାବିତ୍ରୀ ବ୍ରତ

ବାଲିଗୁଡା,(ରା.ରି) :ଓଡ଼ିଆ ନାରୀର ସମର୍ପଣ, ସଂସ୍କୃତି, ସହନଶୀଳତା ଓ ପରିବାର ପ୍ରତି ଅସୀମ ଭଲପାଇବାର ଜୀବନ୍ତ ପ୍ରତୀକର ସାବିତ୍ରୀ ବ୍ରତ କନ୍ଧମାଳ ଜିଲ୍ଲା ବାଲିଗୁଡା



ତଥା ଏହାର ଆଖ ପାଖ ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ହିନ୍ଦୁ ଧର୍ମ ର ସଧବା ମହିଳା ମାନେ ସ୍ୱାମୀ ଙ୍କ ମଙ୍ଗଳ ମନାସୀ ଏବଂ ଦୀର୍ଘାୟୁ ତଥା ଉତ୍ତମ ସ୍ୱାସ୍ଥ୍ୟ କାମନା କରି ମହିଳା ମାନେ ଏହି ବ୍ରତ ପାଳନ କରିଥାନ୍ତି । ବ୍ରତା ଧାରୀ ସଧବା ମହିଳା ମାନେ ପ୍ରତ୍ୟୁଷ ରୁ ନିଜ ନିଜର ନିତ୍ୟକର୍ମ ସାରି ଅଞ୍ଚଳ ର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା, ଶ୍ରୀଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଗାୟତ୍ରୀ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ଭଳି ବିଭିନ୍ନ ଦେବା ଦେବୀ ପୀଠରେ ଉପସ୍ଥିତ ରହି ଦର୍ଶନ କରିବା ସହ ପୂଜାର୍ଚ୍ଚନା ପରେ ସାମୁହିକ ଭାବରେ ସାବିତ୍ରୀ ବ୍ରତ ପାଳନ କରିଥିଲେ । ହାତରେ ଭୋଗ, ମନରେ ଉତ୍ସାହ ନେଇ ନୂଆ ଶାଢୀ, ସଙ୍ଖା, ସିନ୍ଦୂର ଓ ଅଳତା ନେଇ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ଯ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ବ୍ରତ କରୁଥିବା ମହିଳା ମାନେ ପ୍ରତ୍ୟୁଷ ରୁ ମଣ୍ଡପକୁ ଲିପାପୋଛା କରିବା ସହ ସୁନ୍ଦର ଭାବରେ ପୂଜା ସ୍ଥଳୀକୁ ସଜାଇଥିଲେ । ଏଥିରେ ପ୍ରାୟ ଏକ ଶହ ରୁ ଉର୍ଦ୍ଧ୍ୱ ମହିଳା ଓ ବହୁ କିନ୍ନର ମାନେ ମଧ ଏକତ୍ରିତ ହୋଇ ସାମୁହିକ ଭାବରେ ସାବିତ୍ରୀ ବ୍ରତ ପାଳନ କରିଥିବା ଦେଖିବାକୁ ମିଳିଥିଲା । ପଣ୍ଡିତ ପୁରୋହିତ ମାନେ ଉପସ୍ଥିତ ରହି ଗଣପତି ପୂଜା, ଲକ୍ଷ୍ମୀ ନାରାୟଣ ପୂଜା ଓ ସାବିତ୍ରୀ ସତ୍ୟବାନ ଏବଂ ସୂର୍ଯ୍ୟ ପୂଜନ କାର୍ଯ୍ୟ ସମ୍ପାଦନ ସହ ସାବିତ୍ରୀ ବ୍ରତ କଥା ମୌଖିକ ଭାବେ ବୁଝାଇବା ସହ ପଠନ କରିଥିଲେ । ଆଉ କେତେକ ଘରେ ଘରେ ବି ସାବିତ୍ରୀଙ୍କ ପ୍ରତିମା ଗଢି ବ୍ରତ କଥା ଗାଇ ପୂଜା କରିଥିଲେ ସଧବା ନାରୀ । ପୂଜା ଶେଷରେ ବ୍ରତା ଧାରୀ ମହିଳା ମାନେ ନିଜ ସ୍ଵାମୀ ଙ୍କ ପାଦ ଧୋଇ ଜଳ ସ୍ପର୍ଶ କରିବା ପରେ ପୂଜା ରୁ ଆଣିଥିବା ନାନାଦି ଫଳ ସହ ପଣା ପାଣି ଭକ୍ଷଣ କରିଥିଲେ ।

## ଗଞ୍ଜେଇ ସହ ସ୍କର୍ପିଓ ଜବତ: ଦୁଇ ଗିରଫ




ବାଲିଗୁଡା,(ରା.ରି) :କନ୍ଧମାଳ ଜିଲ୍ଲା ବାଲିଗୁଡା ପୋଲିସକୁ ଗଞ୍ଜେଇ ବିରୋଧୀ ଅଭିଯାନରେ ଆଉ ଏକ ସଫଳତା ମିଳିଛି । ବିଶ୍ୱସନୀୟ ସୂଚନା ଆଧାରରେ ବାଲିଗୁଡା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ୮୧ କେଜି ଗଞ୍ଜେଇ ସହ ଏକ ସ୍କର୍ପିଓ ଗାଡି ଜବତ କରିଥିବା ବେଳେ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ନୟାଗଡ ଜିଲ୍ଲା ଫତେଗଡ଼ ଥାନା ଅନ୍ତର୍ଗତ ଦାଣ୍ଡାଶାସି ଅଞ୍ଚଳ ର ଲୋକନାଥ ରାଉତ (୩୪) ଏବଂ ଦେବ ପ୍ରସାଦ ସ୍ୱାଇଁ (୩୭) ଦୁଇ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ଚଢାଉ ସମୟରେ ଗଞ୍ଜେଇ ପରିବହନରେ ବ୍ୟବହୃତ ଏକ ସ୍କର୍ପିଓ ଗାଡ଼ି ନଂ.ଓଡି -୦୨-ବିଏଫ- ୦୨୫୮ କୁ ମଧ ଜବତ କରାଯାଇଛି । ଏ ନେଇ ବାଲିଗୁଡା ଥାନାରେ କେସ ନଂ. ୧୧୫/୨୬ ରେ ଏନଡିପିଏସ ଆଇନର ଧାରା ୨୦(ବି) (ii) (ସି) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଅବ୍ୟାହତ ଥିବା ବିଷୟ ଥାନା ଅଧିକାରୀ ଶିବଶଙ୍କର ସିଂ ପ୍ରକାଶ କରିଛନ୍ତି ।

## ବାଲିଗୁଡାରେ ଡିସିବି ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟିତ

ବାଲିଗୁଡା,(ରା.ରି) :: କନ୍ଧମାଳ ଜିଲ୍ଲାର ବ୍ୟବସାୟିକ କେନ୍ଦ୍ର ଭାବେ ପରିଚିତ ବାଲିଗୁଡା ସହରରେ ଡିସିବି ବ୍ୟାଙ୍କର ଏକ ନୂତନ ଶାଖା ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ସହରର ମହାଲକ୍ଷ୍ମୀ ଏଚପି ପେଟ୍ରୋଲ ପମ୍ପ ନିକଟରେ ଏହି ନୂତନ ଶାଖା ଆରମ୍ଭ ହୋଇଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡା ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ଧୂପ ପ୍ରଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ବ୍ୟାଙ୍କର ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ, ଡିସିବି ବ୍ୟାଙ୍କର ସିନିଅର ରିଜିଓନାଲ ମୁଖ୍ୟ ପ୍ରିୟବ୍ରତ ସାମଲ, ଶାଖା ପ୍ରବନ୍ଧକ ଅରୁଣ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନୀ ଉତ୍ସବରେ ସମଗ୍ର କାର୍ଯ୍ୟକ୍ରମର ସମନ୍ୱୟ ରଖିଥିଲେ । ଏହି ଡି ସି ବି ବ୍ୟାଙ୍କ ର



ଏକ ନୂତନ ଶାଖା ଖୋଲାଯିବା ଫଳରେ ବାଲିଗୁଡା ତଥା ଏହାର ଆଖ ପାଖ ଅଞ୍ଚଳର ଲୋକମାନେ ଅତ୍ୟାଧୁନିକ ବ୍ୟାଙ୍କିଙ୍ଗ ସେବା ଖୁବ ଶିଘ୍ର ପାଇପାରିବେ ବୋଲି ଶ୍ରୀ ସାମଲ ପ୍ରକାଶ କରିଛନ୍ତି ।

## ପୁତୁରା ଏବଂ ଭାଇର ଆକ୍ରମଣରେ ବଡଭାଇ ମୃତ

ବାଲିଗୁଡା,(ରା.ରି) :କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ଥାନାର ବପଲମେଣ୍ଡିର-ଏଲ, ଗ୍ରାମପଞ୍ଚାୟତ ଅନ୍ତର୍ଗତ ଅଡିମାରୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି । ସୂଚନାରୁ ଜଣାପଡିଛି ଯେ, ଚଳିତ ମାସ ୦୯ ତାରିଖ ଦିନ ସୁଧୀର ପ୍ରଧାନ(୫୮)ଙ୍କୁ ନିଜ ଭାଇ ଶ୍ରୀମୁଖୀ ପ୍ରଧାନ(୩୫)ଏବଂ ପୁତୁରା ନରେଶ ପ୍ରଧାନ(୩୦) ମଦ୍ୟପାନ କରି ଏକ ଆଜବେଷ୍ଟକୁ କେନ୍ଦ୍ର କରି ପାରିବାରିକ କଳହରୁ ଏକ କାଠରେ ଆକ୍ରମଣ କରିଥିଲେ, ଫଳରେ ସୁଧୀର ଗୁରୁତର ଆହତ ହୋଇଥିଲେ । ସୁଧୀରଙ୍କ ସ୍ତ୍ରୀ ତାଙ୍କ ସ୍ୱାମୀ ସୁଧୀରକୁ ଟିକାବାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଇ ଘରକୁ ଫେରାଇ ନେଇଥିଲେ । ପୁଣି ୧୩ ତାରିଖ ଦିନ ସେ ଗୁରୁତର ହେବାରୁ ଖଜୁରୀପଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ । ସେଠାରେ ସୁଧୀର ର ସ୍ୱାସ୍ଥ୍ୟ ଅବସ୍ଥା ଅତି ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିଲେ । ସୁଧୀରର ସ୍ତ୍ରୀ କିଛି ଟଙ୍କା ପଇସା ଯୋଗାଡ଼ କରିବା ଉଦେଶ୍ୟରେ ନିଜ ଗ୍ରାମ ବପଲମେଣ୍ଡି-ଏଲ ର ଅଡିମାରୀ ଦେଇ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କୁ ନେଇଯାଉଥିବା ସମୟରେ ବାଉସୁଣୀ ନାଳ ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଏନେଇ ମୃତ ସୁଧୀର ସ୍ତ୍ରୀ ଦୁଲାନା ପ୍ରଧାନ ଟିକାବାଲି ଥାନାରେ ତାଙ୍କ ସ୍ୱାମୀକୁ ଆକ୍ରମଣ ବିଷୟ ଲିଖିତ ଅଭିଯୋଗ କରିଥିଲେ । ଟିକାବାଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରିବା ସହ, ଏକ ମାମଲା ୧୦୪/୨୬ ରେ ରୁଜୁ କରି ମୃତ ଦେହକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏଥି ସହ ମାମଲାର ଅଧିକ ତଦନ୍ତ ଚାଲିଥିବା ବିଷୟ ଥାନା ଅଧିକାରୀ ସମିର କୁମାର ବେହେରା ସୂଚନା ଦେଇଛନ୍ତି ।

## ସୋର ରେଳ ଷ୍ଟେସନରୁ ୨୭ ଛାତ୍ରଛାତ୍ରୀ ଉଦ୍ଧାର

ସୋର(ରା.ରି)ସୋର ରେଳଷ୍ଟେସନରୁ ଅନୁଗୁଳ ଅଭିମୁଖେ ଯାଉଥିବା ୨୭ ଜଣ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଛି ରେଳବାଇ ପୁଲିସ । ସୂଚନା ଅନୁସାରେ, ଶନିବାର ସଂଧ୍ୟାରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଟୁଲୁଗଡ଼ିଆ ଅଞ୍ଚଳରୁ ଏକ ବସ୍‌ରେ ୨୭ ଜଣ ଛାତ୍ରଛାତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଅନୁଗୁଳର ଏକ ସଭାରେ ଯୋଗଦେବାକୁ ଆସିଥିଲେ | ଅନୁଗୁଳ ଅଭିମୁଖେ ଯିବାକୁ ସୋର ଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ ରେଳବାଇ ପୁଲିସ ପକ୍ଷରୁ ସେମାନଙ୍କ ପରିଚୟ ଯାଞ୍ଚ କରାଯାଇଥିଲା ।

# ଓଡ଼ିଶାରେ ନୀଳ ଅର୍ଥନୀତି ; ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ

ଭୁବନେଶ୍ୱର, (ରା.ରି):ଓଡ଼ିଶାରେ ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ ରଖି ନୀଳ ଅର୍ଥନୀତି (ବ୍ଲୁ ଇକୋନୋମି) କ୍ଷେତ୍ରର ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଗତ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏ ସଂପର୍କରେ ଗତ ମାର୍ଚ୍ଚ ୧୩ ଓ ୧୪ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ନୀଳ ଅର୍ଥନୀତି ସଂପର୍କିତ ବୈଶ୍ୱିକ ସମ୍ମିଳନୀ (ଗ୍ଲୋବାଲ ସମିଟ୍ ଅନ୍ ନୀଳ ଅର୍ଥନୀତି–୨୦୨୬) ର ସୁପାରିଶଗୁଡ଼ିକ ଆଧାରରେ ରାଜ୍ୟର ଏକ ସମନ୍ୱିତ ନୀଳ ଅର୍ଥନୀତି ରୋଡମ୍ୟାପ୍ ପ୍ରସ୍ତୁତି କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ନୀଳ ଅର୍ଥନୀତି ସମୁଦ୍ର ସଂପଦକୁ ବିକାଶର ଇଂଜିନ୍ ଭାବେ ବିବେଚନା କରୁଛି । ଓଡିଶା ପାଇଁ ବଙ୍ଗୋପସାଗର ୫୭୫ କି.ମି. ସୁଦୀର୍ଘ ବେଳାଭୂମି ରହିଛି । ବ୍ଲୁ ଇକୋନୋମି ବିକଶିତ ଓଡ଼ିଶା ସହିତ ଏକ ସଂଯୋଜିତ ଦୃଷ୍ଟିକୋଣ, ଯାହା ସମୁଦ୍ର ଓ ସମୁଦ୍ରିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ନିରନ୍ତର ଆର୍ଥିକ ଅଭିବୃଦ୍ଧି, ରୋଜଗାର ସୃଷ୍ଟି, ନୂଆ ନୂଆ ପଦକ୍ଷେପ, ଉପକୂଳ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇଥାଏ । ବୈଠକରେ ରାଜ୍ୟରେ ବ୍ଲୁ ଇକୋନୋମି କ୍ଷେତ୍ରରେ ପଦକ୍ଷେପ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ




ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନିତ କରାଯାଇଛି । ସରକାରଙ୍କ ବିଭିନ୍ନ ବିଭାଗର ସାମୁହିକ ପ୍ରୟାସରେ ସମନ୍ୱିତ ଯୋଜନାରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବ । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ରାଜ୍ୟରେ ନୀଳ ଅର୍ଥନୀତି କ୍ଷେତ୍ରରେ ନିଆଯିବାକୁ ଥିବା ପଦକ୍ଷେପ ସଂପର୍କରେ ଉପସ୍ଥାପନ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ସମେତ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଜଳ ସଂପଦ, ଶକ୍ତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ବାଣିଜ୍ୟ ଓ ପରିବହନ, ପର୍ଯ୍ୟଟନ ଆଦି ବିଭାଗଙ୍କ ସମ୍ମିଳିତ ପ୍ରୟାସରେ ଏକ ସମ୍ମିଳିତ ପଦକ୍ଷେପ (କନଭରଜେନ୍ସ ଫ୍ରେମୱାର୍କ) ସ୍ଥାପନ କରାଯିବ । ଭୁବନେଶ୍ୱର ସିଟି ନଲେଜ ଇନୋଭେସନ କଷ୍ଟର (ବିସିକେଆଇସି) ନଲେଜ୍ ପାର୍ଟନର ଭାବେ ସହଯୋଗ କରିବ । ସମନ୍ୱିତ ଯୋଜନା, ଭାଗିଦାରୀ ଧାର୍ଯ୍ୟ ଲକ୍ଷ୍ୟ ନେଇ ଏକ ବ୍ଲୁ ଇକୋନୋମି ରୋଡ୍ ମ୍ୟାପ୍ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ନୀଳ ଅର୍ଥନୀତି ପ୍ରୟାସର ନିରୀକ୍ଷଣ ଓ ସମନ୍ୱୟ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯିବ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗକୁ ଆନ୍ତଃ ବିଭାଗୀୟ ସମନ୍ୱୟ କରି ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବାକୁ ପରାମର୍ଶ ଦିଆଯାଇଛି । ସେହିପରି ବିଶେଷଜ୍ଞ, ଗବେଷଣା ସଂସ୍ଥା ଓ ବାୟୋ ଟେକ୍ନୋଲୋଜି ଉଦ୍ୟୋଗ ସଂଗଠନମାନଙ୍କୁ ନେଇ ଏକ "ଟେକ୍ନିକାଲ ଆଡଭାଇଜରି ଗ୍ରୁପ୍" ଗଠନ କରାଯିବ । ବୈଠକରେ ରାଜ୍ୟରେ ଏକ "ନୀଳ ଅର୍ଥନୀତି ହବ୍ (ବି-ହବ୍)" ସ୍ଥାପନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଏଥିରେ ଚିଙ୍ଗୁଡ଼ି ଚାଷକୁ ବୈଜ୍ଞାନିକ ଭାବେ ବିକାଶ କରିବା, ରପ୍ତାନି ଓ ଆୟ ବୃଦ୍ଧି ଏବଂ ଉପକୂଳ ଅଞ୍ଚଳରେ ରୋଜଗାର ସୃଷ୍ଟି କରିବା ଉଦ୍ଦେଶ୍ୟରେ "ଓଡ଼ିଶା ଶ୍ରିମ୍ପ ମିଶନ", ଗଭୀର ସମୁଦ୍ରରେ ମାଛ ଧରିବା(ଡିପ୍ ସି ଫିସିଂ ମିଶନ), କୃତ୍ରିମ ପ୍ରବାଳ ସୃଷ୍ଟି, ସମୁଦ୍ର ଆଧାରିତ ମାଛ ଚାଷ, ସି-ୱିଡ୍ ଚାଷ, "ଫିଶର ଫ୍ରେଣ୍ଡ" ମୋବାଇଲ ଆପ୍ ମାଧ୍ୟମରେ ମତ୍ସ୍ୟଜୀବୀଙ୍କୁ ପାଣିପାଗ ଓ ସମୁଦ୍ର ସୂଚନା ପ୍ରଦାନ ଇତ୍ୟାଦି ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଏହା ସହିତ ଧାମରା, ପାରାଦୀପ, ଚାନ୍ଦିପୁର ଓ ଅସ୍ତରଙ୍ଗରେ ମାଛ ଧରା ବନ୍ଦରର ଆଧୁନିକୀକରଣ, ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ହାଇଜେନିକ୍ ହୋଲସେଲ ମାର୍କେଟ୍, ସମନ୍ୱିତ ଆକ୍ୱା ପାର୍କ ଓ ଉଚ୍ଚ ମୂଲ୍ୟଯୁକ୍ତ ପ୍ରଜାତିର ମାଛ, କଙ୍କଡ଼ା ହ୍ୟାଚେରୀ ଆଦି ସ୍ଥାପନ ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ମଧ୍ୟ ଆଲୋଚନା ହୋଇଥିଲା ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ନୀଳ ଅର୍ଥନୀତି କ୍ଷେତ୍ରରେ ବିକାଶ ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏ କ୍ଷେତ୍ରରେ ଆମେ କିପରି ଉଲ୍ଲେଖନୀୟ ପଦକ୍ଷେପ ନେଇ ଆଗକୁ ବଢ଼ି ପାରିବା, ଯାହାକି ରାଜ୍ୟର ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ, ସେ ସଂପର୍କରେ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଥିଲେ । ଏଥିପାଇଁ ସଂପୃକ୍ତ ସମସ୍ତ ବିଭାଗର ଯୋଗଦାନ ସଂପର୍କରେ ସେମାନଙ୍କର ନିର୍ଦ୍ଦିଷ୍ଟ ପ୍ରସ୍ତାବ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି । ଏହା ଏକ ବିସ୍ତୃତ ରୋଡ୍ ମ୍ୟାପ ପ୍ରସ୍ତୁତିରେ ସହାୟକ ହେବ । ଏଥି ପାଇଁ ସମନ୍ୱୟ ନିମନ୍ତେ ସଂପୃକ୍ତ ପ୍ରତ୍ୟେକ ବିଭାଗରୁ ଜଣେ ଜଣେ ନୋଡାଲ ଅଧିକାରୀ ମନୋନିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଚିତ୍ରା ଆରୁମୁଗମ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ରଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଟିପିଡବ୍ଲୁଓଡିଏଲର 'ପେ ଆଣ୍ଡ ୱିନ୍' ଯୋଜନାରେ ୯୧୨ ଜଣ ଗ୍ରାହକ ପୁରସ୍କୃତ, ନୂତନ 'ଗ୍ରାହକ ବିଶ୍ୱସନୀୟତା' କାର୍ଯ୍ୟକ୍ରମର ଘୋଷଣା

ବୁର୍ଲା, (ରା.ରି) ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଆଜି ଏହାର ତ୍ରୈମାସିକ ପ୍ରମୁଖ ଗ୍ରାହକ ପ୍ରୋତ୍ସାହିତ ପଦକ୍ଷେପ 'ପେ




ଆଣ୍ଡ ୱିନ୍' ଯୋଜନାରେ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସହ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଏକ ନୂତନ 'ଗ୍ରାହକ ବିଶ୍ୱସନୀତା' କାର୍ଯ୍ୟକ୍ରମର ଘୋଷଣା କରାଯାଇଅଛି । କମ୍ପାନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା ଏହି ନୂତନ ଯୋଜନାଟିକୁ ଆଜିର ସାମ୍ବାଦିକ ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥି ଭାବେ ଅପରେସନ୍ ବିଭାଗର ମୁଖ୍ୟ ଶ୍ରୀ ପ୍ରଶାନ୍ତ ସିଂ, କମର୍ସିଆଲ୍ ବିଭାଗର ମୁଖ୍ୟ ଶ୍ରୀ ପି.ପି. ତେନ୍ଦୁଲକର ଏବଂ ଏମ୍ଏମଜି ବିଭାଗର ମୁଖ୍ୟ ଶ୍ରୀ ରୁପେଶ ଗୋୟେଲ୍ ପ୍ରମୁଖ ଉପସ୍ଥିତ ରହିଥିଲେ ।

'ପେ ଆଣ୍ଡ ୱିନ୍' ଯୋଜନା ଅଧିନରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୯୩ ହାଜର ୩୯୭ ଜଣ ବିଦ୍ୟୁତ୍ ଗ୍ରାହକ ଯୋଗ୍ୟ ବିବେଚିତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂଚାଳିତ କମ୍ପ୍ୟୁଟର-ଜେନେରେଟେଡ୍ ଲକି ଡ୍ର ମାଧ୍ୟମରେ ଟିପିଡବ୍ଲୁଓଡିଏଲର ୫୭ଟି ବିଦ୍ୟୁତ୍ ଉପଖଣ୍ଡରୁ ମୋଟ୍ ୯୧୨ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ବିଜେତା ଭାବରେ ଚୟନ କରାଯାଇଅଛି ।

ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ, ପ୍ରତ୍ୟେକ ବିଦ୍ୟୁତ୍ ଉପଖଣ୍ଡରୁ ପ୍ରତି ତ୍ରୈମାସିକରେ ୧୬ ଜଣ ବିଦ୍ୟୁତ୍ ଗ୍ରାହକଙ୍କୁ ଚୟନ କରାଯିବ । ପ୍ରଥମ ପୁରସ୍କାର ଭାବେ ଜଣେ ବିଜେତାଙ୍କୁ ସ୍ମାର୍ଟଫୋନ୍ ଉପହାର ମିଳୁଥିବା ବେଳେ ଦ୍ୱିତୀୟ ପୁରସ୍କାର ଭାବେ ଦୁଇ ଜଣ ବିଜେତାଙ୍କୁ ଦୁଇଟି ବ୍ଲୁଟୁଥ୍ ସ୍ପିକର୍, ତୃତୀୟ ପୁରସ୍କାର ଭାବେ ତିନି ଜଣ ବିଜେତାଙ୍କୁ ତିନୋଟି ସ୍ମାର୍ଟୱାଚ୍ ଏବଂ ଚତୁର୍ଥ ପୁରସ୍କାର ଭାବେ ଦଶଜଣ ବିଜେତାଙ୍କୁ ଦଶଟି ନେକବ୍ୟାଣ୍ଡ ଇୟର ଫୋନ୍ ଉପହାର ମିଳୁଅଛି । ତେବେ ଏହି ଯୋଜନା ପାଇଁ ବଲାଙ୍ଗିରରୁ ୧୭୬ ଜଣ, ବରଗଡ଼ରୁ ୧୪୪ ଜଣ, କଳାହାଣ୍ଡିରୁ ୧୬୦ ଜଣ, ରାଉରକେଲାରୁ ୨୦୮ ଜଣ ବିଜେତା, ଏବଂ ସମ୍ବଲପୁରରୁ ୨୨୪ ଜଣ ବିଜେତାଙ୍କୁ ଲକି ଡ୍ର ମାଧ୍ୟମରେ ଚୟନ କରାଯାଇଥିଲା । ବିଜେତାମାନଙ୍କୁ ସେମାନଙ୍କର ପୁରସ୍କାର ଗ୍ରହଣ କରିବା ପାଇଁ ଖୁବଶୀଘ୍ର ସେମାନଙ୍କ ନିକଟତମ ଟିପିଡବ୍ଲୁଓଡିଏଲ୍ କାର୍ଯ୍ୟାଳୟକୁ ନିମନ୍ତ୍ରଣ କରାଯିବ ଏବଂ ବିଜେତାମାନଙ୍କ ସମ୍ପୂର୍ଣ୍ଣ ତାଲିକା କମ୍ପାନୀର ୱେବସାଇଟରେ ପ୍ରକାଶିତ କରାଯିବ ।

ତେବେ ଏହି 'ପେ ଆଣ୍ଡ ୱିନ୍' ଯୋଜନା ସହିତ, ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଏହାର ବିତରଣ କ୍ଷେତ୍ରର ସମସ୍ତ ଗ୍ରାହକଙ୍କ ପାଇଁ ଏକ ନୂତନ 'ଗ୍ରାହକ ବିଶ୍ୱସନୀତା' କାର୍ଯ୍ୟକ୍ରମର ମଧ୍ୟ ଆଜି ଶୁଭାରମ୍ଭ କରାଯାଇଅଛି । ଏହି ପଦକ୍ଷେପ ମାଧ୍ୟମରେ, ଗ୍ରାହକମାନେ ବିଶ୍ୱସ୍ତରୀୟ ଅନଲାଇନ୍ ପ୍ଲାଟଫର୍ମ XOXO ମାଧ୍ୟମରେ ଫ୍ୟାଶନ୍, ଟୁର୍ ଏବଂ ଟ୍ରାଭେଲ୍, ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟସେବା ଏବଂ ବେକ୍ରି ସେବା ଉପରେ ସ୍ୱତନ୍ତ୍ର ଅଫର୍ ଏବଂ ରିହାତି ପାଇପାରିବେ । ଏହା ସହିତ ପଶ୍ଚିମ ଓଡ଼ିଶାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନେ ଭୁବନେଶ୍ୱର ସ୍ଥିତ 'ୱାଣ୍ଡେଲା ଆମ୍ୟୁଜମେଣ୍ଟ ପାର୍କ'ର ନିୟମିତ ଟିକେଟ୍ ମୂଲ୍ୟରେ ୩୦ ପ୍ରତିଶତ ରିହାତିର ଏକ ସ୍ୱତନ୍ତ୍ର ଅଫର ମଧ୍ୟ ଉପଭୋଗ କରିପାରିବେ । ଗ୍ରାହକମାନେ ବୁକିଂ କାଉଣ୍ଟରରେ ସେମାନଙ୍କର ବିଦ୍ୟୁତ୍ ବିଲର ଏକ କପି ଉପସ୍ଥାପନ କରି ଏହି ଲାଭ ପାଇପାରିବେ ।

## ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ମାନସ ମନ୍ଥନ

# ଶୀଘ୍ର ପ୍ରଣୟନ ହେବ ସ୍ୱତନ୍ତ୍ର ଚଳଚ୍ଚିତ୍ର ନୀତି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ରା.ରି)): ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ପୁନରୁଦ୍ଧାର ଏବଂ ଏହାର ଉନ୍ନତି ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେବାକୁ ଯାଉଛନ୍ତି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ସଂସ୍କୃତି ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଆଲୋଚନା ଚକ୍ରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତି ତଥା କଳାକାରମାନଙ୍କ ସହ ଓଡ଼ିଆ ସିନେମାର ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହି ଅବସରରେ ସେ ଓଡ଼ିଆ ଚଳଚ୍ଚିତ୍ରକୁ ଜାତିର ଅସ୍ମିତାର ପରିଚୟ ଭାବେ ବର୍ଣ୍ଣନା କରି ଖୁବ୍ ଶୀଘ୍ର ନୂତନ 'ଚଳଚ୍ଚିତ୍ର ନୀତି'ର ପ୍ରଣୟନ ହେବ ବୋଲି ଘୋଷଣା କରିଛନ୍ତି । ସିନେମାର ପ୍ରକୃତ ସଂଜ୍ଞା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସିନେମା କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ହେଉଛି ଗୋଟିଏ ଜାତିର ସ୍ମୃତି, ସଂସ୍କୃତି, ଭାବନା ଓ ଆତ୍ମାର ଏକ ପ୍ରକୃତ ପ୍ରତିଛବି । ଯେଉଁ ସମାଜ ମହାନ ସିନେମା ନିର୍ମାଣ କରେ, ସେ ବିଶ୍ୱ ଦରବାରରେ ନିଜର ଅସ୍ତିତ୍ୱକୁ ସୁଦୃଢ଼ କରିପାରେ ବୋଲି ସେ ମତ ପ୍ରକାଶ କରିଛନ୍ତି । ଓଡ଼ିଆ ସିନେମାର ଲୋକପ୍ରିୟତା ସମ୍ପର୍କରେ ମତ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ସିନେମାକୁ କାହାର ନକଲ କରିବା ଦରକାର ନାହିଁ, ବରଂ ଏହାକୁ ନିଜସ୍ୱ ସ୍ୱର ଖୋଜିବାକୁ ହେବ । ସେ କହିଥିଲେ ଯେ, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ତାଙ୍କୁ ନେଇ ଗଢ଼ି ଉଠିଥିବା ଓଡ଼ିଆ ସଂସ୍କୃତି, କଳିଙ୍ଗର ସାମୁଦ୍ରିକ ଇତିହାସ, ଆଦିବାସୀ ସଂସ୍କୃତି, ବାତ୍ୟା ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ସଂଘର୍ଷର କାହାଣୀ, ଗ୍ରାମ୍ୟ ଓଡିଶାର ସୁଖଦୁଃଖ, ମହାନଦୀ



ଓ ଅନ୍ୟାନ୍ୟ ନଦୀର ନଈକୂଳିଆ ଜନଜୀବନ ଇତ୍ୟାଦି ଅନେକ ମୌଳିକ ବିଷୟ ରହିଛି । ଓଡ଼ିଆ ଜନଜୀବନ ସହିତ ଯୋଡି ହୋଇଥିବା ମୌଳିକ ବିଷୟବସ୍ତୁକୁ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ କଲେ, ଲୋକଙ୍କ ମନକୁ ଆକର୍ଷିତ କରିପାରିବ ବୋଲି ସେ ମତ ଦେଇଥିଲେ । ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଦକ୍ଷତା ହାସଲ କରିବା ପାଇଁ ଓଡ଼ିଶାରେ ଫିଲ୍ମ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟର ଆବଶ୍ୟକତା ଅଛି ବୋଲି ପ୍ରକାଶ କରି ଓଡ଼ିଶାରେ ଏହିପରି ଏକ ପ୍ରତିଷ୍ଠାନ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଚଳଚ୍ଚିତ୍ର ଶିଳ୍ପର ଅବନତି ପାଇଁ ବିଗତ ଦିନର ବ୍ୟବସ୍ଥାକୁ ସମାଲୋଚନା କରି ସେ କହିଥିଲେ ଯେ, ଗତ ସରକାର ଏ ଦିଗରେ ଧ୍ୟାନ ଦେଇ ନ ଥିଲେ, କିନ୍ତୁ ଏବେ ଓଡ଼ିଆ ଅସ୍ମିତାର ସରକାର ଆସିଛି । ସେ ସ୍ପଷ୍ଟ କରିଛନ୍ତି ଯେ ଏବେ ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ପାଇଁ ଅର୍ଥ କେବେ ହେଲେ ବାଧକ ହେବ ନାହିଁ ଏବଂ ଖୁବ୍ ଶୀଘ୍ର ରାଜ୍ୟରେ ଏକ ଶକ୍ତିଶାଳୀ ଚଳଚ୍ଚିତ୍ର ଭିତ୍ତିଭୂମି ପ୍ରସ୍ତୁତ କରାଯିବ । ଏହି ଅବସରରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୨୦୩୬ ରେ ଓଡ଼ିଶା ଯେଉଁ ଶତାବ୍ଦୀର ବର୍ଷ ପାଳନ କରିବାକୁ ଯାଉଛି ସେଥିରେ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଆଜିର ବାର୍ତ୍ତାଳାପ ଆଗାମୀଦିନରେ ଆମ ଚଳଚ୍ଚିତ୍ର ଶିଳ୍ପକୁ ଆଗେଇନେବ ବୋଲି ପୂର୍ଣ୍ଣ ବିଶ୍ୱାସ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୋରେଇ ବିଧାୟକ ତଥା ଅଭିନେତା ଶ୍ରୀ ଆକାଶ ଦାସ ନାୟକ, ଦିଗପହଣ୍ଡି ବିଧାୟକ ତଥା ଅଭିନେତା ଶ୍ରୀ ସିଦ୍ଧାନ୍ତ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସିନେ ଜଗତର ଲୋକପ୍ରିୟ କଳାକାର ଅନୁଭବ ମହାନ୍ତି, ଅନୁ ଚୌଧୁରୀ, ପୁଷ୍ପା ପଣ୍ଡା, ହରିହର ମହାପାତ୍ର, ପିଙ୍କି ପ୍ରଧାନ, ପ୍ରଯୋଜକ ସିଦ୍ଧାର୍ଥ ଅଗ୍ରୱାଲଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଓ ସିନେ ଟେକ୍ନିସିଆନମାନେ ଏହି ଆଲୋଚନାରେ ସାମିଲ ହୋଇଥିଲେ । ମୁଖ୍ୟମନ୍ତ୍ରୀ ଏହି ସମସ୍ତ କଳାକାର ଓ ଚଳଚ୍ଚିତ୍ର କର୍ମୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଏବଂ ସେଗୁଡ଼ିକର ସ୍ଥାୟୀ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ଏସଆଇଆରକୁ ନେଇ ରାଜନୈତିକ ଦଳଗୁଡ଼ିକ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

ଭୁବନେଶ୍ୱର, (ରା.ରି):ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର. ଏସ. ଗୋପାଳନଙ୍କ ଅଧ୍ୟକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ ଆଇ ଆର) ପ୍ରକ୍ରିୟାକୁ ସୁଚାରୁରୂପେ ପରିଚାଳନା କରିବା ଏବଂ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ ତଥା ତ୍ରୁଟିଶୂନ୍ୟ କରିବା ଲକ୍ଷ୍ୟରେ ଏହି ଆଲୋଚନା ଚକ୍ରର ଆୟୋଜନ କରାଯାଇଥିଲା । ଏଥିରେ ରାଜ୍ୟର ସମସ୍ତ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ବରିଷ୍ଠ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ଏସ.ଆଇ.ଆର. ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଓ ପ୍ରଶାସନିକ ଦିଗ ଉପରେ ଆଲୋକପାତ କରିଥିଲେ । ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ କରିବା ଏବଂ ସାମଗ୍ରିକ ଭୋଟର ତାଲିକାର




ଶୁଦ୍ଧତା ବଜାୟ ରଖିବାରେ ରାଜନୈତିକ ଦଳଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ପ୍ରକାଶ କରିଥିଲେ ।

ଏଥିସହିତ ପ୍ରତିଟି ମତଦାତା କେନ୍ଦ୍ର ଗୁଡିକରେ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତି କରି ପ୍ରକ୍ରିୟାକୁ ଅଧିକ ସହଯୋଗୀ କରିବାକୁ ସେ ଦଳଗୁଡ଼ିକୁ ପରାମର୍ଶ ଦେଇଥିଲେ ।

ଆଲୋଚନା ସମୟରେ ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ଏସ.ଆଇ.ଆର. କାର୍ଯ୍ୟକ୍ରମକୁ ନେଇ ନିଜ ନିଜର ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ନୂତନ ଭୋଟରଙ୍କ ପଞ୍ଜୀକରଣ, ପ୍ରବାସୀ ଭୋଟରଙ୍କ ସମସ୍ୟା ଏବଂ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଭଳି ପ୍ରସଙ୍ଗରେ ଦଳଗୁଡ଼ିକ ପକ୍ଷରୁ ଗଠନମୂଳକ ଆଲୋଚନା କରାଯାଇଥିଲା ।

ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ପ୍ରତିନିଧିଙ୍କ ପ୍ରସ୍ତାବକୁ ସନ୍ତୋଷଜନକ ଭାବେ ଗ୍ରହଣ କରିବା ସହ ଆଗାମୀ ଦିନରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଶ୍ରୀ ଆର ଏସ ଗୋପଲନ ଙ୍କ ସମେତ ଅତିରିକ୍ତ ସିଇଓ ଶ୍ରୀ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଶ୍ରୀ ଗୋପୀନାଥ କୁଅଁର, ଡେପୁଟି ସିଇଓ ଡ.ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଫଳ ବ୍ୟକ୍ତିତ୍ୱ ଓ ଇଣ୍ଡିଆନ ସିଭିଲ ସର୍ଭିସ-୨୦୨୫ର ସଫଳ ପରୀକ୍ଷାର୍ଥୀ ଓ ପିତାମାତାଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ



ଭୁବନେଶ୍ୱର, (ରା.ରି)): ଓଡ଼ିଶା ପାଇଁ ଗୌରବ ଆଣିଥିବା ୨୦୨୫ ମସିହାର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିତ୍ୱ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ଏବଂ ଇଣ୍ଡିଆନ ସିଭିଲ ସର୍ଭିସ-୨୦୨୫ର ସଫଳ ପରୀକ୍ଷାର୍ଥୀ ଓ ସେମାନଙ୍କ ପିତାମାତାଙ୍କୁ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି । ଏହି ଉପଲକ୍ଷେ ଶୁକ୍ରବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଏପରି କାର୍ଯ୍ୟକ୍ରମକୁ ଉତ୍କର୍ଷତା, ସମର୍ପଣ, ସୃଜନଶୀଳତା ଏବଂ ଜନସେବାର ଉତ୍ସବ ବୋଲି ବର୍ଣ୍ଣନା କରିଥିଲେ । ସଫଳତା କେବଳ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ, ବରଂ ସମାଜ ପ୍ରତି କଠିନ ପରିଶ୍ରମ, ଦୃଢ଼ତା ଏବଂ ପ୍ରତିବଦ୍ଧତାର ପ୍ରେରଣାଦାୟକ ଉଦାହରଣ ବୋଲି କହିଥିଲେ ।

କୃତିତ୍ୱ ହାସଲକାରୀଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସାହିତ୍ୟ, ଶିକ୍ଷା, କଳା ଏବଂ ଜନସେବା କ୍ଷେତ୍ରରେ ମହନୀୟ ଅବଦାନ ଦେଇ ରାଜ୍ୟ ଏବଂ ଜାତି ପାଇଁ ଗୌରବ ଆଣିଥିବା ପ୍ରତିଷ୍ଠିତ ପୁଅ ଏବଂ ଝିଅମାନଙ୍କ ପାଇଁ ଓଡ଼ିଶା ଗର୍ବ ଅନୁଭବ କରେ ।

ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଓଡ଼ିଶାର ଆଦିବାସୀ ଲୋକକଥା ଏବଂ ସାଂସ୍କୃତିକ ଐତିହ୍ୟର ଡକ୍ୟୁମେଣ୍ଟେସନ ଏବଂ ସଂରକ୍ଷଣ ପାଇଁ ସାହିତ୍ୟ ଏବଂ ଶିକ୍ଷା କ୍ଷେତ୍ରରେ ମହେନ୍ଦ୍ର କୁମାର ମିଶ୍ର, ସାନ୍ତାଳୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଅବଦାନ ପାଇଁ ଚରଣ ହେମ୍ବ୍ରମ, ପ୍ରସିଦ୍ଧ ପ୍ରହ୍ଲାଦ ନାଟକ କଳାକାର ସୀମାଞ୍ଚଳ ପାତ୍ର ଏବଂ ଓଡ଼ିଶାର ସମୃଦ୍ଧ କଳା ଏବଂ ହସ୍ତତନ୍ତ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ମହନୀୟ ଅବଦାନ ନିମନ୍ତେ ଶରତ କୁମାର ପାତ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ନିଜ କବିତା ସଂଗ୍ରହ "ପାଦପୂରଣ" ପାଇଁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗିରିଜା କୁମାର ବଳିୟାରସିଂହଙ୍କୁ ମଧ୍ୟ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ସାମୂହିକ ସ୍ମୃତିର ସଂରକ୍ଷଣ ଏବଂ ସମାଜକୁ ପ୍ରେରଣା ଯୋଗାଇ ଦେବା ପାଇଁ ସାହିତ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ ।

ଏତତବ୍ୟତୀତ ୨୦୨୫ ମସିହା ଇଣ୍ଡିଆନ ସିଭିଲ୍ ସର୍ଭିସ ପରୀକ୍ଷାରେ ଓଡ଼ିଶାର ସଫଳ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ମାତାପିତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ସଫଳତା ଗଠନରେ ପିତାମାତାଙ୍କ ଭୂମିକାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଯୁବ ପ୍ରଶାସନିକ ଅଧିକାରୀମାନେ ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ପ୍ରତି ଅବଦାନ ରଖିବା ସହିତ ସାଧୁତା, କରୁଣା ଏବଂ ଜନ କଲ୍ୟାଣ ପାଇଁ ପ୍ରତିବଦ୍ଧତା ବଜାୟ ରଖିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ ।

ଏହି ଅବସରରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ଼. ରୂପା ରୋଶନ ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା ଏବଂ ସମ୍ବର୍ଦ୍ଧିତ କୃତୀ ବ୍ୟକ୍ତିମାନେ ମଧ୍ୟ ତାଙ୍କର ଅଭିଜ୍ଞତା ପ୍ରକାଶ କରିଥିଲେ ।

## ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଖର୍ଚ୍ଚକାଟ ପରାମର୍ଶବଳୀ

ଭୁବନେଶ୍ୱର (ରା.ରି):ବର୍ତ୍ତମାନର ବିଶ୍ୱ ଆର୍ଥିକ ଅନିଶ୍ଚିତତା ଏବଂ ପ୍ରଚଳିତ ଆନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସରକାରୀ ଯାନବାହାନର ସଚେତନ ଏବଂ ସଂଯମୀ ବ୍ୟବହାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ଆଦେଶ ଜାରି କରାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଳ, ବିଶେଷକରି ଇନ୍ଧନ ଏବଂ ଶକ୍ତିର ସୁଚିନ୍ତିତ ଓ ପୋଷଣୀୟ ପରିଚାଳନା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

ଅନାବଶ୍ୟକ ଇନ୍ଧନ ଖର୍ଚ୍ଚ କାଟ୍ କରିବା ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା କୁହାଯାଇଛି ଯେ ସରକାରୀ ଗାଡ଼ିର ସହଭାଗୀ ବ୍ୟବହାର ବିଭାଗର ଯେଉଁ ଅଧିକାରୀମାନେ ସରକାରୀ କାର୍ଯ୍ୟ ପାଇଁ ଯାନବାହାନ ବ୍ୟବହାର କରୁଛନ୍ତି, ସେମାନଙ୍କୁ ବିଶେଷ କରି ବିଭିନ୍ନ ବୈଠକ, ସରକାରୀ ପରିଦର୍ଶନ, ଯାଞ୍ଚ ଏବଂ



ଅନ୍ୟାନ୍ୟ କାର୍ଯ୍ୟ ସମୟରେ "ଭେହିକିଲ ପୁଲିଂ" ବା "ରାଇଡ୍ ସେୟାରିଂ" କରିବାକୁ ପରାମର୍ଶ ଓ ଉତ୍ସାହିତ କରାଯାଇଛି ।

ଏହାଦ୍ୱାରା ଅନାବଶ୍ୟକ ଇନ୍ଧନ ବ୍ୟୟ ହ୍ରାସ ପାଇବା ସହ ଜାତୀୟ ଶକ୍ତି ସଂରକ୍ଷଣରେ ବଡ଼ ସହାୟତା ମିଳିବ । ଏହି ପୁଲିଂ ବ୍ୟବସ୍ଥାର ସମନ୍ୱୟ ଦାୟିତ୍ୱ ବୈଠକ କିମ୍ବା କାର୍ଯ୍ୟକ୍ରମରେ ଯୋଗଦେଉଥିବା ବରିଷ୍ଠ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିବ ।

କାର୍ଯ୍ୟାଳୟ ସମୟ ମଧ୍ୟରେ ମଧ୍ୟାହ୍ନ ଭୋଜନ କିମ୍ବା କୌଣସି ଅଣ-ଅତ୍ୟାବଶ୍ୟକ ତଥା ପରିହାରଯୋଗ୍ୟ କ୍ଷୁଦ୍ର-ଦୂରତା ବ୍ୟକ୍ତିଗତ ସୁବିଧା ପାଇଁ ସରକାରୀ ଯାନବାହାନ ବ୍ୟବହାର ନ କରିବାକୁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି ।

ଅଳ୍ପ ଦୂରତା ସମୟରେ ଅଧିକାରୀମାନଙ୍କୁ ପଦଯାତ୍ରା ସହଭାଗୀ ପରିବହନ କିମ୍ବା ଅନ୍ୟାନ୍ୟ ପରିବେଶ ଅନୁକୂଳ ବିକଳ୍ପ ଆପଣାଇବାକୁ ଉତ୍ସାହିତ କରାଯାଉଛି ।

ଏହି ଆଦେଶ କେବଳ ସଚିବାଳୟ ମଧ୍ୟରେ ସୀମିତ ନୁହେଁ । ବିଭାଗ ଅଧୀନରେ ଥିବା ସମସ୍ତ ସଂସ୍ଥା ଯେପରିକି ଇ.ଆଇ.ସି. (ପି.ଏଚ୍.), ନିର୍ଦ୍ଦେଶକ (ପୌର ପ୍ରଶାସନ), ଡି.ଟି.ପି., ଭାଲ୍ୟୁଏସନ ଅର୍ଗାନାଇଜେସନ, ସମସ୍ତ ପୌରସଂସ୍ଥା ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ , ସୁଡା , ଓ.ଡବ୍ଲ୍ୟୁ.ଏସ୍.ଏସ୍.ବି. , ୟୁଆଇ.ଡି.ଏଫ୍., ଓ.ଏସ୍.ଏଚ୍.ବି., କଟକ ସହରୀ ପରିବହନ ସଂସ୍ଥା, ବି.ଏମ୍.ଆର୍.ସି.ଏଲ୍., ୱାଟ୍‌କୋ ଓ.ୟୁ.ଏଚ୍.ଏମ୍., ଓ.ୟୁ.ଏ., ଓରିଏଟ ଏବଂ ଓରେରାକୁ ମଧ୍ୟ ଏହି ପରାମର୍ଶ ପୂର୍ଣ୍ଣ ନିଷ୍ଠାର ସହ ଅନୁପାଳନ କରିବାକୁ କୁହାଯାଇଛି । ଏହି ସମସ୍ତ ସଂସ୍ଥା ନିଜ ନିଜ କାର୍ଯ୍ୟାଳୟରେ ଇନ୍ଧନ ସଂରକ୍ଷଣ ଓ ସମ୍ବଳର ମିତବ୍ୟୟୀ ତଥା ସର୍ବୋତ୍ତମ ବ୍ୟବହାର ପାଇଁ ସମାନ ପଦକ୍ଷେପ ଗ୍ରହଣ କରିବେ ।




## ଜହର ଉଦ୍ୟାନ




ବଗିଚାରେ ବୁଲିବାକୁ କିଏ ବା ଭଲ ନ ପାଏ । କିନ୍ତୁ ଏମିତି ବି ଏକ ବଗିଚା ଅଛି ଯେଉଁଠାକୁ ଯିବା ପୂର୍ବରୁ ଶହେ ଥର ଭାବିବାକୁ ପଡିବ । ଆଉ ଅନେକ ସାବଧାନତା ଅବଲମ୍ବନ କରିବାକୁ ବି ହେବ । କାରଣ ଏ ବଗିଚାଟି ସାଧାରଣ ନୁହେଁ । ଏଠାରେ ସେ ସୁନ୍ଦର ମନଲୋଭା ଗଛ ଓ ଫୁଲ ନାହିଁ । ବରଂ ଅଛି ବିଷାକ୍ତ ଗଛଲତା । ଯାହାର ଆଘ୍ରାଣ ମାତ୍ରେ ବି ଜୀବନ ଚାଲି ଯିବାର ଭୟ ରହିଛି । ଏହି ବଗିଚାର ନାମ ହେଉଛି 'ଦ ପଏଜନ୍ ଗାର୍ଡେନ' । ଇଂଲଣ୍ଡ, ନର୍ଥବରଲ୍ୟାଣ୍ଡ କାଉଣ୍ଟିସ୍ଥ ଅଲନକରେ ଅଛି ପୃଥିବୀର ସବୁଠାରୁ ବଡ଼ ଏଇ ବିଷାକ୍ତ ବଗିଚାଟି । ଏଠାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାରର ବିଷାକ୍ତ ବୃକ୍ଷଲତା ଅଛି । ଏଠାକୁ ଏକୁଟିଆ ନ ଯିବା ଲାଗି ପରାମର୍ଶ ଦିଆଯାଏ । ଆଉ ଏହା ମଧ୍ୟକୁ ଯିବାକୁ ହେଲେ ଅନେକ କଥା ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ । ଯେମିତିକି ସ୍ୱତନ୍ତ୍ର ପୋଷାକ ଓ ମାସ୍କ ପିନ୍ଧିବାକୁ ହୁଏ । ତାସହ ସାବଧାନ ରହିବା ବି ନିହାତି ଜରୁରୀ ।

## ୧୦ ହଜାର ଫୁଟ୍ ଉଚ୍ଚତାରେ ହେଲେ ମେକ୍ଅପ୍

ମହିଳାଙ୍କୁ ମେକ୍ଅପ୍ ହେବା କେତେ ପସନ୍ଦ ତାହା ସମସ୍ତେ ଜାଣନ୍ତି । ଯେଉଁଠି ଓ ଯେଉଁ ପରିସ୍ଥିତିରେ ଥିଲେ ବି ସେମାନେ ମେକ୍ଅପ୍ ହେବାକୁ ଭୁଲନ୍ତି ନାହିଁ । ପାଖରେ ତ ସବୁବେଳେ ଥାଏ ମେକ୍ଅପ୍ କିଟ୍ । ବସ୍‌ଷ୍ଟପ, ରେଳଷ୍ଟେସନ୍ ହେଉ କି ଏୟାରପୋର୍ଟ ଅବା ଅଫିସ୍, ପାର୍ଟି ଫଙ୍କସନ୍ ସବୁଠି ମହିଳା ସମୟ ସୁଯୋଗ ଦେଖି ମେକ୍ଅପ୍ ହୋଇଥାନ୍ତି । ଏମିତିକି ଏବେ ଜଣେ ମହିଳା ଆକାଶ ମାର୍ଗରେ ପାରାସୁଟ୍‌ରେ ଝୁଲନ୍ତା ଅବସ୍ଥାରେ ଥାଇ ବି ମେକ୍ଅପ୍ ହେଉଛନ୍ତି । ବିଶ୍ୱାସ ନହେଲେ ବି କଥାଟି ସତ । ମ୍ୟାକ୍ କେନା ନାଇପ୍ ନାମକ ଏହି ମହିଳା ଜଣକ ଜଣେ ଭିଡିଓ କ୍ରିଏଟର୍ । ତାଙ୍କୁ ସ୍କାଇ ଡାଇଭିଂ କରିବା ବହୁତ ପସନ୍ଦ । ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସ୍କାଇ ଡାଇଭିଂ କରିବାର ଅନେକ ଭିଡିଓ ପୋଷ୍ଟ କରନ୍ତି । ନିକଟରେ ସେ ଏକ ଭିଡିଓ ପୋଷ୍ଟ କରିଥିଲେ ଯେଉଁଥରେ ସେ ଭୂମିଠାରୁ ୧୦ ହଜାର ଫୁଟ୍ ଉଚ୍ଚତାରେ ସ୍କାଇ ଡାଇଭିଂ କରିବା ଅବସ୍ଥାରେ ହିଁ ମେକ୍ଅପ୍ ହୋଇଥିଲେ । ନିଜ ଅଣ୍ଟାରେ ବାନ୍ଧିଥିବା ଏକ ବ୍ୟାଗରୁ ଗୋଟିଏ ପରେ ଗୋଟିଏ ବିଉଟି ପ୍ରଡକ୍ଟ ବାହାର କରି ସେଗୁଡିକୁ ମୁହଁରେ ଲଗାଇଥିଲେ । ରୁମାଲ ବାହାର କରି ମୁହଁ ବି ପୋଛୁଥିଲେ । ଏହି ସମୟରେ ତାଙ୍କ ଚେହେରାରେ ଭୟର ଟିକେ ବି ଚିହ୍ନ ନ ଥିଲା । ବରଂ ଲାଗୁଥିଲା ସେ ବେଶ୍ ମଜା ଉଠାଉଥିଲେ ।



## ସୁନ୍ଦର କେଶ ଓ ଦାଢ଼ି ଥିବା ମାଙ୍କଡ

ଦକ୍ଷିଣ ଆମେରିକାର ଆମାଜନ୍ ବର୍ଷାବଣରେ ଏମିତି ଏକ ମାଙ୍କଡ଼ ବାସକରେ, ଯାହାର ମୁଖ୍ୟ ପରିଚୟ ହେଉଛି ତା'ର ଦାଢ଼ି । ଏହାର ଦାଢ଼ି ପ୍ରାୟତଃ ମଣିଷଙ୍କ ଦାଢି ଭଳି ଦେଖାଯାଏ । ଏହାର ନାମ ହେଉଛି 'ବିଅର୍ଡେଡ୍ ସାକି ମଙ୍କି' । ଆମାଜନ୍‌ର । ଘଞ୍ଚ ବର୍ଷାବଣରେ ରହୁଥିବା ଏହି ଅଦ୍ଭୁତ ମାଙ୍କଡ଼କୁ ଦେଖିଲେ । ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ । ଅଣ୍ଡିରା ମାଙ୍କଡ଼ଙ୍କ ମୁହଁରେ ଘନ କଳା ଦାଢ଼ି ଥାଏ । ମୁଣ୍ଡ ଉପରେ ଦୁଇଟି ବଲ ଭଳି କେଶର ଗୁଛ, ଯାହା ସେମାନଙ୍କୁ ଏକ ନିଆରା ରୂପ ଦିଏ । ବିଶେଷକରି ଅଣ୍ଡିରା ମାଙ୍କଡ଼ମାନଙ୍କର ଦାଢ଼ି ଏତେ ପ୍ରଭାବଶାଳୀ ହୋଇଥାଏ ଯେ, ସେମାନେ ଏହାକୁ ଦେଖାଇ ଜଙ୍ଗଲରେ ନିଜର ପ୍ରତିପତ୍ତି ବିସ୍ତାର କରନ୍ତି ଏବଂ ମାଈ ମାଙ୍କଡ଼ମାନେ ଏହି ଦାଢ଼ି ଦେଖି ସେମାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି । ଆମାଜନ ବର୍ଷାବଣ ବାଦ୍ ଏମାନେ ବ୍ରାଜିଲ, ଗୁଏନା ଏବଂ ଏହାର ଆଖପାଖ ଅଞ୍ଚଳରେ ବି ବାସ କରନ୍ତି । ଏହି ମାଙ୍କଡ଼ଗୁଡ଼ିକ ମଧ୍ୟମ ଆକାରର ହୋଇଥାନ୍ତି । ଏମାନଙ୍କ ଓଜନ ପ୍ରାୟ ୨.୫ ରୁ ୩.୫ କିଲୋଗ୍ରାମ ଏବଂ ଶରୀରର ଲମ୍ବ ୪୦ ରୁ ୪୫ ସେଣ୍ଟିମିଟର ହୋଇଥାଏ । ଏମାନଙ୍କ ଶରୀର ପ୍ରାୟତଃ କଳା କିମ୍ବା ଗାଢ଼ ବାଦାମୀ ରଙ୍ଗର ହୋଇଥାଏ । ଏହି ମାଙ୍କଡ଼ମାନଙ୍କ ପାଇଁ ଦାଢ଼ି କେବଳ ସୌନ୍ଦର୍ଯ୍ୟ ନୁହେଁ, ବରଂ ସେମାନଙ୍କ ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏମାନେ ମୁଖ୍ୟତଃ ଫଳ, ମଞ୍ଜି ଏବଂ ଟାଣ ନଟୁ ଖାଇଥାନ୍ତି । ଏମାନଙ୍କ ଦାନ୍ତ ଏତେ ଶକ୍ତ ଯେ ସେମାନେ ଅତି ସହଜରେ ଟାଣ ଫଳର ଚୋପା ଛଡ଼ାଇପାରନ୍ତି । ଏହି କାରଣରୁ ସେମାନଙ୍କୁ 'ସିଡ୍ ପ୍ରିଡେଟର' ମଧ୍ୟ କୁହାଯାଏ । ସାକି ମଙ୍କିମାନେ ସାମାଜିକ ପ୍ରାଣୀ । ଏମାନେ ୧୦ ରୁ ୩୦ ଜଣ ସଦସ୍ୟଙ୍କୁ ନେଇ ଛୋଟ ଛୋଟ ଦଳରେ ରହନ୍ତି । ସେମାନେ ପରସ୍ପର ସହ ଖେଳନ୍ତି ଏବଂ ଏକାଠି ଭୋଜନ କରନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ, ଆମାଜନ ଜଙ୍ଗଲ କଟାଯିବା ଏବଂ ଶିକାର ଯୋଗୁ ସାକି ମଙ୍କିଙ୍କ ଅନେକ ପ୍ରଜାତି ଏବେ ବିପଦରେ ଅଛନ୍ତି । ସଂରକ୍ଷଣ ସଂସ୍ଥାଗୁଡ଼ିକ ଏମାନଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ ଜାରି ରଖୁଛନ୍ତି ।



## କାର୍ଗୋ ପ୍ୟାଣ୍ଟ ଫ୍ୟାଶନ

**କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଦେଖିବାକୁ ସେମିତି ଆକର୍ଷଣୀୟ ହୋଇଥାଏ । ତା'ଛଡ଼ା ଏହା ଟାଇଟ୍ ଫିଟିଙ୍ଗ୍ ନ ହୋଇଥିବାରୁ ଖରାଦିନେ ବି ଏହାକୁ ଆରାମରେ ପିନ୍ଧିହୁଏ । କୁଲ୍ ଫ୍ୟାଶନେବଲ୍ ଲୁକ୍ ଦେଉଥିବା ଏହି କାର୍ଗୋ ପ୍ୟାଣ୍ଟର ଫ୍ୟାଶନ କେବେ ଆଉଟେଡ୍ ହୁଏ ନାହିଁ । ସବୁଠୁ ବଡ଼ କଥା ହେଉଛି, ଏହି ପ୍ୟାଣ୍ଟକୁ ଉଭୟ ପୁରୁଷ ଓ ମହିଳା ବେଶ୍ ଆରାମରେ ପିନ୍ଧିପାରିବେ । ଜାଣନ୍ତୁ କାର୍ଗୋ ପ୍ୟାଣ୍ଟର କେତୋଟି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**



* **ତିନି ପ୍ରକାରର କାର୍ଗୋ ପ୍ୟାଣ୍ଟ:** କ୍ଲାସିକ୍ ୟୁଟିଲିଟି - ପ୍ୟାଣ୍ଟ ସାଙ୍ଗକୁ ଶାର୍ଟ ତୁଳନାରେ ଟି-ଶାର୍ଟ ବହୁତ ପ୍ୟାଣ୍ଟ, କାର୍ଗୋ ଜୋଗର୍ସ, ସ୍କିନି କମ୍‌ବାଟ୍ ଟ୍ରାଉଜର୍ସ ହେଉଛି କାର୍ଗୋ ପ୍ୟାଣ୍ଟର ତିନୋଟି ମୁଖ୍ୟ ଭେରାଇଟି । ବର୍ତ୍ତମାନ ଯୁବପିଢିଙ୍କ ଭିତରେ ଏହି ଟାଇପ୍ସର କାର୍ଗୋ ପ୍ୟାଣ୍ଟକୁ ନେଇ ବେଶ୍ ଡିମାଣ୍ଡ ରହିଛି ।
* **ସ୍କିମ୍ ଓ ଷ୍ଟ୍ରେଟ୍ କଟ୍:** କାର୍ଗୋ ପ୍ୟାଣ୍ଟଗୁଡ଼ିକ ସାଧାରଣତଃ ଢିଲା ପାର୍ଟନରେ ଆସିଥାଏ । ତଥାପି ସ୍କିମ୍ ଓ ଷ୍ଟ୍ରେଟ୍ କଟ୍ ଡିଜାଇନ୍‌ରେ ଆସୁଥିବା କାର୍ଗୋ ପ୍ୟାଣ୍ଟଗୁଡ଼ିକ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ । କେହି କେହି ତ ଓଭର୍ ସାଇଜ୍ କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ବି ପସନ୍ଦ କରିଥାନ୍ତି । ତେବେ ଯାହାବି ପିନ୍ଧନ୍ତୁ, ତାହା ଯେମିତି ଆପଣଙ୍କ ହାଇଟ୍ ଓ ପର୍ସନାଲିଟିକୁ ସୁଟ୍ କରୁଥିବ, ସେଥିପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ।
* **ଫ୍ୟାବ୍ରିକ୍ କେମିତି ହେବା ଦରକାର:** ଅନ୍ୟସବୁ ଫାବ୍ରିକ୍ ତୁଳନାରେ କଟନ୍ କପଡ଼ାରେ ତିଆରି କାର୍ଗୋ ପ୍ୟାଣ୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ ପିନ୍ଧିବାକୁ ସେମିତି କମ୍ଫର୍ଟେବଲ୍ ହୋଇଥାଏ ।
* **ଟି-ଶାର୍ଟ ସହିତ ମ୍ୟାଚିଂ:** ଏହି ଭଲ ମାନିଥାଏ । ବିଶେଷକରି ଟର୍ଟଲ୍‌ନେକ୍ ତଥା ଚକ୍ କ୍ରିଉ ନେକ୍ ବାଲା ଟି-ଶାର୍ଟ ଅଧିକ ଫ୍ୟାଶନେବଲ୍ ଲାଗିଥାଏ ।
* **ପ୍ରିଣ୍ଟେଡ୍ କାର୍ଗୋ ପ୍ୟାଣ୍ଟ:** ଯୁବପିଢିଙ୍କ ଗହଣରେ ଏହି ପ୍ୟାଣ୍ଟର ବି ଭଲ ଚାହିଦା ରହିଥାଏ । ସବୁଠୁ ବଡ଼ କଥା ହେଉଛି ପ୍ରିଣ୍ଟେଡ୍ କାର୍ଗୋ ପ୍ୟାଣ୍ଟ ସହିତ ଯେକୌଣସି ରଙ୍ଗ ହେଉ ଅବା ପାର୍ଟନର ଶାର୍ଟ ଆରାମରେ ପିନ୍ଧିହୁଏ ।
* **ଫର୍ମାଲ୍ ଲୁକ୍ ବି ଦିଏ;** ସାଙ୍ଗସାଥୀଙ୍କ ସହ ଗେଟ୍ ଟୁଗେଦର୍ ହେଉ ଅବା ଆଉଟିଂରେ ଗଲାବେଳେ ଅନେକେ କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ପସନ୍ଦ କରିଥାନ୍ତି । ତେବେ କାର୍ଗୋ ପ୍ୟାଣ୍ଟ ଯେ କେବଳ କାଜୁଆଲ୍ ଲୁକ୍ ପାଇଁ ଫିଟ୍ ତାହା ନୁହେଁ ଏହାକୁ ଅଫିସିଆଲି ମଧ୍ୟ କ୍ୟାରି କରିହେବ । ଏଥିପାଇଁ କେବଳ ଖାକି ରଙ୍ଗର କାର୍ଗୋ ପ୍ୟାଣ୍ଟଟିଏ ଦରକାର । ଏହି ପ୍ୟାଣ୍ଟ ସାଙ୍ଗକୁ ଧଳା ରଙ୍ଗର ଶାର୍ଟ ଓ କୋଟ୍, ତା'ସାଙ୍ଗକୁ ଘଣ୍ଟା ଓ ବେଲ୍ଟ ପିନ୍ଧିଦେଲେ ଆରାମରେ ଫର୍ମାଲ୍ ଲୁକ୍ ମିଳିଯିବ ।

**ସ୍ନିକର୍ସ:** କାଜୁଆଲ୍ ଲୁକ୍ ପାଇଁ କାର୍ଗୋ ପ୍ୟାଣ୍ଟ ସହିତ ସ୍ନିକର୍ସ ବହୁତ ଭଲ ଲାଗିଥାଏ । ତେବେ ଷ୍ଟାଇଲିଶ୍ ଲୁକ୍ ପାଇଁ କେହି କେହି ଏହା ସହିତ ସୁଜ୍ ହେଉ ଅବା ହିଲ୍ ବି ପିନ୍ଧିଥାନ୍ତି ।



## ରକ୍ତିମ ହ୍ରଦ ଭିତରେ ଯାଉଛି ଟ୍ରେନ୍

ଆମେ ବେଳେବେଳେ ଏମିତି କିଛି ଦେଖୁଥାଉ ଯାହାକୁ ବିଶ୍ୱାସ କରିବା ସମ୍ଭବ ହୁଏନା । ଲାଗେ ତାହା ସତ ନୁହେଁ ମିଛ । ସାଇବେରିୟାରେ ଥିବା ଏକ ଜାଗାର ଦୃଶ୍ୟକୁ ବି ଅନେକେ ଫେକ୍ ବୋଲି ଭାବନ୍ତି । ଏଠାରେ ବର୍ଲିନସ୍କୋଇ ନାମକ ଏକ ହ୍ରଦ ଅଛି, ଯାହାକି ପିଙ୍କ ଲେକ୍ ଭାବେ ବେଶ୍ ପରିଚିତ । ଏହା କାଜାକିସ୍ତାନ ସୀମାରେ ରହିଛି । ଆଉ ଖରାଦିନରେ ଉକ୍ତ



ହ୍ରଦଟି ଆଶ୍ଚର୍ଯ୍ୟଜନକଭାବେ ରଙ୍ଗ ପରିବର୍ତ୍ତନ କରି ଲାଲ ରଙ୍ଗରେ ପରିବର୍ତ୍ତିତ ହୋଇଯାଏ । ବୈଜ୍ଞାନିକଙ୍କ ମତରେ ଏହି ଋତୁରେ ହ୍ରଦଟିରେ ଆର୍ଟେମିଆ ସାଲିନା ନାମକ ଜୀବଙ୍କ ସଂଖ୍ୟା ବଢିଯାଏ, ଯାହାଙ୍କ ଆକାର ବହୁତ ଛୋଟ । ଏହି ଜୀବଙ୍କର ହିମୋଗ୍ଲୋବିନ୍ ଫିଗମେଣ୍ଟେସନ୍ ଘଟି ହ୍ରଦର ରଙ୍ଗ ଲାଲ ହୋଇଥାଏ । ଆଉ ଏକ କଥା ଉକ୍ତ ହ୍ରଦ ମଝିରେ ଏକ ରେଳ ଧାରଣା ବି ଯାଇଛି । ଯାହା ମଧ୍ୟ ଦେଇ ରେଳ ଯିବା ଆସିବା କରିଥାଏ । ରକ୍ତିମ ଲାଲ ହ୍ରଦକୁ ଚିରି ଯେବେ ରେଳ ଦ୍ରୁତ ଗତିରେ ଯାଏ ତାହା ଏକ ସ୍ୱପ୍ନର ଦୃଶ୍ୟ ପରି ଲାଗେ । ନିକଟରେ ଏହି ଦୃଶ୍ୟର ଏକ ଭିଡିଓ ବେଶ୍ ଭାଇରାଲ ହୋଇଛି । ଅନେକେ ତ ଏହାକୁ ଫେକ୍ ବି ଭାବୁଛନ୍ତି । କିନ୍ତୁ ଏହା ବାସ୍ତବ । ଉକ୍ତ ହ୍ରଦ ମଧ୍ୟସ୍ଥ ରେଳଧାରଣାର ଭିତ୍ତିଭୂମି ସୋଭିଏତ କାଳରୁ ସ୍ଥାପିତ ହୋଇଛି ।

## ଗର୍ଜିୟା ଦେବୀ ମନ୍ଦିର



**ପବିତ୍ର ଗର୍ଜିୟା ଦେବୀ ମନ୍ଦିର ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଅବସ୍ଥିତ । ମାତା ପାର୍ବତୀଙ୍କର ଏକ ସ୍ୱରୁପ କୁହାଯାଉଥିବା ମାତା ଗର୍ଜିୟାଙ୍କର ଏହି ମନ୍ଦିରକୁ ଏକ ଶକ୍ତିସ୍ଥଳ କହିଲେ ମଧ୍ୟ ଭୁଲ୍ ହେବନାହିଁ...**

ଉତ୍ତରାଖଣ୍ଡର ନୈନିତାଲ ଜିଲା ଅନ୍ତର୍ଗତ ରାମନଗରଠାରେ ରହିଛି ଗର୍ଭିୟା ନାମକ ଏକ ଗାଁ । ଏହି ଗାଁରେ ଅଛି ଏକ ଶକ୍ତିସ୍ଥଳ, ଯାହାର ନାଁ ହେଉଛି ଗର୍ଜିୟା ଦେବୀ ମନ୍ଦିର । ଉକ୍ତ ଗାଁ ନିକଟ ଦେଇ ପ୍ରବାହିତ ହେଉଛି କୋସି ନାମକ ଏକ ନଦୀ । ଏହି ନଦୀ କୂଳରେ ଥିବା ଏକ ପାହାଡ଼ ଉପରେ ରହିଛି ମା' ଗର୍ଜିୟାଙ୍କର ଉକ୍ତ ମନ୍ଦିରଟି । ଏଠାରେ ପୂଜା ପାଉଥିବା ମାତା ଗର୍ଭିୟା ହେଉଛନ୍ତି ଖୁବ୍ ପ୍ରତ୍ୟକ୍ଷା । ଭକ୍ତଟିଏ ମନୋସ୍କାମନା କରି ନିଷ୍ଠାର ସହ ମା'ଙ୍କୁ ଆବାହନ କଲେ ମା' ତା'ର ଗୁହାରି ଶୁଣିଥାନ୍ତି ବୋଲି ସ୍ଥାନୀୟ ଲୋକଙ୍କର ଖୁବ୍ ବିଶ୍ୱାସ ରହିଛି । ସେଥିପାଇଁ ପ୍ରାୟତଃ ଏଠାରେ ଭକ୍ତଙ୍କର ଗହଳି ଦେଖିବାକୁ ମିଳେ ।

**ମନ୍ଦିରକୁ ନେଇ ଲୋକକଥା**

ସ୍ଥାନୀୟ ଲୋକଙ୍କ ମତାନୁସାରେ, ଥରେ କୋସି ନଦୀରେ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ମାତା ଗର୍ଭିୟାଙ୍କର ପ୍ରତିମା କେଉଁଆଡୁ ଭାସି ଆସି ଏହି ସ୍ଥାନରେ ଲାଗିଥିଲା । ଏହାର କିଛିଦିନ ପରେ ଉକ୍ତ ସ୍ଥାନରୁ ସିଂହଙ୍କର ଗର୍ଜନ କରିବାର ଶବ୍ଦ ଶୁଭାଗଲା । କାରଣ ଏହି ମନ୍ଦିରଠାରୁ ମାତ୍ର ୭-୮ କି.ମି ଦୂରରେ ରହିଛି ଜିମ୍ କୋର୍ବେଟ୍ଟ ଜାତୀୟ ଉଦ୍ୟାନ । ବାରମ୍ବାର ସିଂହଙ୍କର ଗର୍ଜନ କରିବାର ଶବ୍ଦ ଶୁଣି ଗାଁ ଲୋକେ ତଥା ସ୍ଥାନୀୟ ବନବିଭାଗର ଅଧିକାରୀମାନେ ଥରେ ଏହାର ନିକଟକୁ ଯାଇ ଦେଖୁବାରୁ ସତକୁ ସତ କେତେକ ସିଂହ ସେଠାରେ ପରିକ୍ରମା କରୁଥିବାର ଦେଖିଲେ । କିଛି ସମୟ ପରେ ସିଂହମାନେ ସେଠାରୁ ଚାଲିଯିବା କ୍ଷଣି ଗାଁ ଲୋକେ ସେଠାରେ ମା'ଙ୍କର ଏହି ପ୍ରତୀମା ଥିବାର ଦେଖିବାକୁ ପାଇଲେ । ସେମାନେ ମା'ଙ୍କର ପ୍ରତୀମାକୁ ଉଦ୍ଧାର କରି ମନ୍ଦିର ଗଢିବା ପାଇଁ ନିଷ୍ପତ୍ତି ନିଅନ୍ତେ, ମା' ସ୍ୱପ୍ନାଦେଶ ହେଲେ ଯେ, ତାଙ୍କ ମନ୍ଦିରକୁ ଏହି ପାହାଡ ଉପରେ ଗଢିବା ପାଇଁ । ମା'ଙ୍କ ଆଦେଶ ଅନୁସାରେ, ପାହାଡ ଉପରେ ମା'ଙ୍କର ମନ୍ଦିର ଗଢାହେଲା ଆଉ ମା'ଙ୍କୁ ସେଠାରେ ପୂଜା କରାଗଲା ।

**ମା'ଙ୍କ ମହିମା**

ପୌରାଣିକ କଥା ଅନୁସାରେ, ମାତା ଗର୍ଭିୟା ହେଉଛନ୍ତି ମାତା ପାର୍ବତୀଙ୍କର ଏକ ସ୍ୱରୂପ । ସେଥିପାଇଁ ଏହି ମନ୍ଦିରକୁ ମଧ୍ୟ ଏକ ଶକ୍ତିସ୍ଥଳ ବୋଲି କୁହାଯାଇଥାଏ । ମା'ଙ୍କ ମହିମା ବଡ଼ ଅପାର । ଯେଉଁ ଭକ୍ତ ଏଠାକୁ ଆସି ମା'ଙ୍କୁ ନିଷ୍ଠାର ସହ ପୂଜିଥାନ୍ତି, ମା' ତାଙ୍କର ମନୋସ୍କାମନା ନିଶ୍ଚୟ ପୂରଣ କରିଥାନ୍ତି । ଆଉ ଆଶା ପୂରଣ ହୋଇସାରିବା ପରେ ଭକ୍ତଙ୍କୁ ପୁଣିଥରେ ଏଠାକୁ ଆସି ମା'ଙ୍କ ଦର୍ଶନ କରିବାକୁ ହୋଇଥାଏ । ଯେଉଁ ଭକ୍ତମାନେ ଅବହେଳା ବଶତଃ ମନୋସ୍କାମନା ପୂରଣ ହୋଇଗଲା ପରେ ମା'ଙ୍କୁ ପୁଣିଥରେ ଦର୍ଶନ କରିବାକୁ ନ ଆସନ୍ତି, ସେମାନଙ୍କ ଉପରେ ମା' ରୋଷ କରିଥାନ୍ତି ବୋଲି ସ୍ଥାନୀୟ ଲୋକେ ମତ ଦେଇଥାନ୍ତି ।

**ପ୍ରମୁଖ ପର୍ବପର୍ବାଣୀ**

ଏଠାକୁ ପୂଜା କରିବାକୁ ଆସୁଥିବା ଭକ୍ତଙ୍କୁ ପ୍ରଥମେ କୋସି ନଦୀରେ ସ୍ନାନ କରିବାକୁ ହୋଇଥାଏ । ତା'ପରେ ପାହାଡ ଉପରେ ଥିବା ମନ୍ଦିରକୁ ଯିବା ପାଇଁ ପ୍ରାୟ ୯୦ଟି ପାହାଚ ଚଢ଼ିବାକୁ ପଡେ । ଏହି ମନ୍ଦିରରେ ଗର୍ଜିୟା ଦେବୀଙ୍କ ବ୍ୟତିତ ଭଗବାନ ଗଣେଶ, ଲକ୍ଷ୍ମୀ –ନାରାୟଣ, ମାତା ସରସ୍ୱତୀ ତଥା ଭୈରବ ଦେବଙ୍କୁ ମଧ୍ୟ ପୂଜା କରାଯାଇଥାଏ । କୁହାଯାଏ, ଏଠାରେ ଭକ୍ତ ଭୈରବ ଦେବଙ୍କୁ ପୂଜା ନ କଲା ପର୍ଯ୍ୟନ୍ତ ମା' କାହାରି ଡାକ ଶୁଣି ନଥାନ୍ତି । ଦଶହରା, କାଳୀପୂଜା ତଥା କାର୍ତ୍ତିକ ପୂର୍ଣ୍ଣିମା ହେଉଛି ମା' ଗର୍ଜିୟାଙ୍କର କେତୋଟି ପ୍ରମୁଖ ପର୍ବ ।

**କେବେ ଓ କେମିତି ଯିବେ**

ବର୍ଷର ସବୁ ସମୟରେ ବୁଲି ଯିବାର ସୁବିଧା ଥିଲେ ହେଁ ଦଶହରା, କାଳୀପୂଜା ତଥା କାର୍ତ୍ତିକ ପୂର୍ଣ୍ଣିମା ସମୟରେ ଏଠାକୁ ଗଲେ ମା'ଙ୍କର ଅପୂର୍ବ ଦର୍ଶନ ମିଳିଥାଏ । ବର୍ଷାଦିନେ ନଦୀରେ ପାଣି ସେହି ସମୟରେ ଟିକେ କମ୍ ଭକ୍ତ ଏଠାକୁ ବୁଲିବାକୁ ଆସିଥାନ୍ତି । ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି । ନୈନିତାଲରୁ ପ୍ରାୟ ୭୦କି.ମି ଏବଂ ରାମନଗରରୁ ପ୍ରାୟ ୧୨ କି.ମି ଦୂରରେ ଥିବା ଏହି ସ୍ଥାନକୁ ସଡ଼କପଥ ଓ ରେଳପଥରେ ଯାଇହେବ । ରାମନଗର ହେଉଛି ଏହାର ନିକଟତମ ରେଳଷ୍ଟେଶନ ।



# ସେପ୍ଟେମ୍ବର ୩୦ ଯାଏଁ ବିଦେଶକୁ ଚିନି ରପ୍ତାନି ବନ୍ଦ

ନୂଆଦିଲ୍ଲୀ : କେନ୍ଦ୍ର ସରକାରଙ୍କ ବଡ଼ ଘୋଷଣା । ସେପ୍ଟେମ୍ବର ୩୦ ଯାଏଁ ବିଦେଶକୁ ଚିନି ରପ୍ତାନି ବନ୍ଦ କଲା ଭାରତ । ଶିଳ୍ପ ଓ ବାଣିଜ୍ୟ ବିଭାଗ ଅଧୀନରେ ଥିବା DGF ପକ୍ଷରୁ ଏହି ଘୋଷଣା କରାଯାଇଛି । ମୁଦ୍ରାସ୍ଫୀତି ଓ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି । କଞ୍ଚା, ଧଳା ଏବଂ ରିଫାଇନ୍ ଏହି ତିନି ପ୍ରକାରର ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଯାଇଛି । ଆବଶ୍ୟକ ହେଲେ ଏହି ନିଷ୍ପତ୍ତିକୁ ବୃଦ୍ଧି କରାଯାଇପାରେ ବୋଲି କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି । ତେବେ ୟୁରୋପିଆନ ୟୁନିଅନ ଓ USA ଉପରେ ଏହି ରପ୍ତାନି କଟକଣା ଲାଗୁ ହେବନି ।



ବ୍ରାଜିଲ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ ଚିନି ଉତ୍ପାଦନକାରୀ ଦେଶ । ସରକାର ଚିନି କମ୍ପାନୀଗୁଡ଼ିକୁ ୧୫ ଲକ୍ଷ ମେଟ୍ରିକ ଟନ୍ ଚିନି ରପ୍ତାନି କରିବାକୁ ଅନୁମତି ଦେଇଥିଲେ । ଘରୋଇ ଚାହିଦାଠାରୁ ଅଧିକ ଉତ୍ପାଦନ ହେବ ବୋଲି ଆଶା କରାଯାଉଥିଲା । ତେବେ ଏଲ୍ ନିନୋ କାରଣରୁ ମୌସୁମୀ ଋତୁରେ କମ୍ ବର୍ଷା ହେବାର ଆଶଙ୍କା ରହିଛି । ଆଖୁ ଉତ୍ପାଦନକାରୀ ରାଜ୍ୟଗୁଡ଼ିକରେ ଖରାପ ଅମଳ ଯୋଗୁଁ, ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଉତ୍ପାଦନ କମ୍ ରହିବ । ତେଣୁ ଦେଶରେ ଚିନିର ମୂଲ୍ୟ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଚିନିର ରପ୍ତାନି ଉପରେ ରୋକ ଲଗାଇଛନ୍ତି । ତେବେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି ଯେ, ରପ୍ତାନି ପାଇଁ ଲୋଡ୍ ହୋଇଥିବା ମାଲ୍ କିମ୍ବା ସିଫି ବିଲ୍ ସରି ଜାହାଜ ଭାରତୀୟ ବନ୍ଦରରେ ଲାଗିଛି ତାହେଲେ ପ୍ରତିବନ୍ଧକ ଲଗାଯିବ ନାହିଁ ।
ଭାରତ ଚିନି ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ପରେ ବିଶ୍ୱ ବଜାରରେ ଚିନି ମୂଲ୍ୟ ବୃଦ୍ଧି ପାଇଛି । ନ୍ୟୁୟର୍କରେ କଞ୍ଚା ଚିନି ଫ୍ୟୁଚର୍ସର ମୂଲ୍ୟ ୨% ରୁ ଅଧିକ ବୃଦ୍ଧି ପାଇଛି । ଲଣ୍ଡନରେ ଧଳା ଚିନି ଫ୍ୟୁଚର୍ସର ମୂଲ୍ୟ ୩% ବୃଦ୍ଧି ପାଇଛି । କଣ୍ଟ୍ରାକ୍ଟ ରଦ୍ଦ ହେବା ଯୋଗୁଁ ଚିନି ବ୍ୟବସାୟୀମାନେ ଆର୍ଥିକ କ୍ଷତି ସହିବେ । ଭାରତ ସରକାର ଚିନି ଉତ୍ପାଦନ ପରିବର୍ତ୍ତେ ଇଥାନଲ୍ ଉତ୍ପାଦନ ପାଇଁ ଆଖୁ ବ୍ୟବହାର କରିବାକୁ ଚାହୁଁଛନ୍ତି । ୨୦% ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ରଖାଯାଇଛି ।..

# ମମତା ବାନାର୍ଜୀଙ୍କ ପାଖଲୋକ ଛାଡିଲେ ପଦ

କୋଲକାତା: ପଶ୍ଚିମବଙ୍ଗରେ ସରକାର ପରିବର୍ତ୍ତନ ପରେ, ପଶ୍ଚିମବଙ୍ଗ ମହିଳା କମିଶନର ଅଧ୍ୟକ୍ଷା ଲୀନା ଗଙ୍ଗୋପାଧ୍ୟାୟ ଇସ୍ତଫା ଦେଇଛନ୍ତି । ସେ ତାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ବୁଧବାର ଏହି ସୂଚନାକୁ ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଲୀନା ଗଙ୍ଗୋପାଧ୍ୟାୟ ଟଲିଉଡ ଫିଲ୍ମ ଶିଳ୍ପରେ ଜଣେ ପ୍ରସିଦ୍ଧ ଲେଖିକା, ପ୍ରଯୋଜିକା ଏବଂ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି । ସେ ମହିଳା ଅଧିକାର ରକ୍ଷା ପାଇଁ ନିରନ୍ତର ସ୍ୱର ଉଠାଇଛନ୍ତି ।
ଗଙ୍ଗୋପାଧ୍ୟାୟ ଏକ ପ୍ରଯୋଜନା କମ୍ପାନୀର ମାଲିକ ମଧ୍ୟ ଅଟନ୍ତି ଏବଂ ତାଙ୍କୁ ତୃଣମୂଳ କଂଗ୍ରେସର ନିକଟତର ବୋଲି ବିବେଚନା କରାଯାଏ । ତାଙ୍କୁ ଜୁଲାଇ ୨୦୨୩ ମସିହାରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଭାବରେ ନିଯୁକ୍ତ କରାଯାଇଥିଲା । ତାଙ୍କର କାର୍ଯ୍ୟକାଳ ଚଳିତ ବର୍ଷ ଜୁଲାଇ ମାସରେ ଶେଷ ହେବାର ଥିଲା । ତଥାପି, ରାଜ୍ୟରେ ସରକାର ପରିବର୍ତ୍ତନ ପରେ ଲୀନା ତାଙ୍କ ଇସ୍ତଫା ଦେଇଥିଲେ ।
ବଙ୍ଗୀୟ ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଲୀନା ପ୍ରଥମେ ଦେଢ଼ ମାସ ପୂର୍ବରୁ ଅଧ୍ୟକ୍ଷା ପଦରୁ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ । ୨୯ ମାର୍ଚ୍ଚରେ, ଓଡ଼ିଶାର ତାଳସାରିରେ ଏକ ଟିଭି ଧାରାବାହିକର ସୁଟିଂ ସମୟରେ ଅଭିନେତା ରାହୁଲ



ଅରୁଣୋଦୟ ସମୁଦ୍ରରେ ବୁଡ଼ି ମୃତ୍ୟୁବରଣ କରିଥିଲେ । ଏହି ଧାରାବାହିକଟି ଲୀନା ଗଙ୍ଗୋପାଧ୍ୟାୟଙ୍କ ପ୍ରଯୋଜନା କମ୍ପାନୀ ଦ୍ୱାରା ପ୍ରଯୋଜିତ ହେଉଥିଲା ।
ରାହୁଲଙ୍କ ମୃତ୍ୟୁ ପରେ, ଲୀନା ଦାବି କରିଥିଲେ ଯେ ସୁଟିଂରେ ଜଳ ସମ୍ବନ୍ଧୀୟ କୌଣସି ଦୃଶ୍ୟ ନଥିଲା ଏବଂ ସେ ନିଜ ଇଚ୍ଛାରେ ସମୁଦ୍ରରେ ପ୍ରବେଶ କରିଥିଲେ । କିନ୍ତୁ ପରେ ଏହା ଜଣାପଡ଼ିଲା ଯେ ସୁଟିଂ ଚାଲିଥିବା ସମୟରେ ରାହୁଲ ବୁଡ଼ି ଯାଇଥିଲେ । ରାହୁଲଙ୍କ ପତ୍ନୀ, ଅଭିନେତ୍ରୀ ପ୍ରିୟଙ୍କା ସରକାର, ଲୀନା ଏବଂ ପ୍ରଯୋଜନା କମ୍ପାନୀର କିଛି ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ଦାଖଲ କରିଥିଲେ ।
ବଙ୍ଗଳା ଅଭିନେତା, ଟେକ୍ନିସିଆନ ଏବଂ ନିର୍ଦ୍ଦେଶକମାନଙ୍କର ଏକ ଗୋଷ୍ଠୀ ଲୀନାଙ୍କ ବିରୁଦ୍ଧରେ ସ୍ୱର ଉଠାଇ ତାଙ୍କ ପ୍ରଯୋଜନା କମ୍ପାନୀ ସହିତ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଥିଲେ । ସେହି ସମୟରେ, ଲୀନା ରାହୁଲଙ୍କ ମୃତ୍ୟୁର ତଦନ୍ତକୁ "ପ୍ରଭାବିତ" କରିବାର ଅଭିଯୋଗକୁ ଏଡାଇବା ପାଇଁ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ । ତଥାପି, ସେ ସେତେବେଳେ ଇସ୍ତଫା ଦେଇ ନଥିଲେ । ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କ ୧୫ ବର୍ଷର ଶାସନ ପରେ ଭାଜପା ରାଜ୍ୟରେ କ୍ଷମତାକୁ ଆସିଛି । ନିକଟରେ ଶୁଭେନ୍ଦୁ ଅଧିକାରୀ ମଧ୍ୟ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ । ପ୍ରଧାନମନ୍ତ୍ରୀ ମୋଦି, ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କ ସହିତ ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ ।

# ବିଦେଶ ଯାତ୍ରା ଉପରେ ଲାଗୁ ହେବନି ଟିକସ-ସେସ୍

ନୂଆଦିଲ୍ଲୀ; ବିଦେଶ ଯାତ୍ରା ଉପରେ ଭାରତ ସରକାର ଟିକସ-ସେସ୍ ଲାଗୁ କରିବାକୁ ବିଚାର କରୁଛନ୍ତି ବୋଲି ପ୍ରକାଶିତ ଖବରକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖଣ୍ଡନ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ମୋଦି ଲେଖିଛନ୍ତି ଏଭଳି ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏଥିରେ କାଣିଚାଏ ସତ ନାହିଁ । ବିଦେଶ ଯାତ୍ରା ଉପରେ ଏଭଳି କଟକଣା ଲଗାଯିବାର ପ୍ରଶ୍ନ ହିଁ ଉଠୁନାହିଁ । ଆମେ ନିଜ ଲୋକଙ୍କ ପାଇଁ ଇଜ୍ ଅଫ୍ ଡୁଇଂ ବିଜିନେସ ଏବଂ ଇଜ୍ ଅଫ୍ ଲିଭିଂକୁ ଉନ୍ନତ କରିବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ମୋଦି କହିଛନ୍ତି ।
ଭାରତ ସରକାର ବିଦେଶ ଯାତ୍ରା ଉପରେ ଟିକସ,



ସେସ୍ କିମ୍ବା ସରଚାର୍ଜ ଲଗାଇବାକୁ ବିଚାର କରୁଛନ୍ତି ବୋଲି ଖବର ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି । ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଯୋଗୁ ସୃଷ୍ଟି ହୋଇଥିବା ତୈଳ ସଙ୍କଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମେ ୧୧ ତାରିଖରେ ଗୁଜରାଟର ବଡୋଦରା ଠାରେ ପେଟ୍ରୋଲ-ଡିଜେଲର ବ୍ୟବହାର କମାଇବା ମେଟ୍ରୋ, ଇଲେକ୍ଟ୍ରିକ ବସ୍ ଓ ସାର୍ବଜନୀନ ପରିବହନ ବ୍ୟବସ୍ଥାର ଉପଯୋଗ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ ।
ସେହିଭଳି ସେ ବିଦେଶରେ ରହୁଥିବା ଭାରତୀୟଙ୍କୁ ବିଦେଶ ଯାତ୍ରା ନ କରିବାକୁ କହିଥିଲେ । ଏଥିସହ ୫ ଜଣ ବିଦେଶୀ ନାଗରିକଙ୍କୁ ଭାରତ ଆଣିବାକୁ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ସୁନା ଆମଦାନୀ ଯୋଗୁ ଦେଶରୁ ବିପୁଳ ଅର୍ଥ ବିଦେଶ ଚାଲିଯାଉଛି । ତେଣୁ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ସୁନା ନ କିଣିବାକୁ ସେ ଅପିଲ କରିଥିଲେ । ସେହିଭଳି ଏହା ପୂର୍ବରୁ ମେ ୧୦ ତାରିଖରେ ହାଇଦ୍ରାବାଦରେ ମୋଦି ଦେଶ ହିତ ପାଇଁ ୧ ବର୍ଷ ପର୍ଯ୍ୟନ୍ତ ସୁନା ନ କିଣିବାକୁ ପରାମର୍ଶ ଦେଇଥିଲେ । ଏଥିସହ ଅନାବଶ୍ୟକ ଯାନବାହନ ଉପଯୋଗ କମାଇବା, ମେଟ୍ରୋରେ ଯାତ୍ରା କରିବା ଏବଂ କାର ପୁଲିଂ କରିବାକୁ କହିଥିଲେ ।

# ପୁରୁଷଙ୍କ ଶୁକ୍ରାଣୁରେ ୬ ବର୍ଷ ରହିପାରେ ହେଣ୍ଟାଭାଇରସ୍

ନୂଆଦିଲ୍ଲୀ : ନୂଆ ଅଧ୍ୟୟନରୁ ଆଶ୍ଚର୍ଯ୍ୟଚକିତ ତଥ୍ୟ ସାମ୍ନାକୁ ଆସିଛି । ପୁରୁଷଙ୍କ ଶୁକ୍ରାଣୁରେ ୬ ବର୍ଷ ଯାଏ ଜୀବିତ ରହିପାରେ ହେଣ୍ଟାଭାଇରସ୍ । ଫଳରେ ଯୌନ ସମ୍ପର୍କ ଜରିଆରେ ଏହା ଅନ୍ୟକୁ ସଂକ୍ରମିତ କରିବାର ଆଶଙ୍କା ବଢ଼ିପାରେ । ହେଣ୍ଟାଭାଇରସ୍ ଦ୍ୱାରା ସଂକ୍ରମିତ ବ୍ୟକ୍ତିଙ୍କ ପାଇଁ ଏହି ଅଧ୍ୟୟନ ଗୁରୁତ୍ୱପୂର୍ଣ୍ଣ । ସ୍ୱିଜରଲାଣ୍ଡର ସ୍ୱିଜ୍ ଲାବୋରେଟୋରୀ ଏହି ଅଧ୍ୟୟନ କରିଛି । ବୈଜ୍ଞାନିକମାନେ ସ୍ୱିଜରଲାଣ୍ଡର ଜଣେ ୫୫ ବର୍ଷୀୟ ବ୍ୟକ୍ତିଙ୍କୁ ପରୀକ୍ଷା କରିଥିଲେ, ଯିଏକି ୬ ବର୍ଷ ପୂର୍ବେ ଦକ୍ଷିଣ ଆମେରିକାରେ ହେଣ୍ଟାଭାଇରସ୍ର ଆଣ୍ଡିଜ ଷ୍ଟ୍ରେନ୍ ଦ୍ୱାରା ସଂକ୍ରମିତ ହୋଇଥିଲେ । ବ୍ୟକ୍ତିଙ୍କ ରକ୍ତ, ମୂତ୍ର ଓ ଶ୍ୱାସନଳୀରେ ଭୂତାଣୁର କୌଣସି ଚିହ୍ନ ମିଳିନଥିଲା, କିନ୍ତୁ ଶୁକ୍ରାଣୁରେ ୭୧ ମାସ (ହାରାହାରି ୬ ବର୍ଷ) ପରେ ବି ଏହି ଭୂତାଣୁ ଜୀବିତ ଥିଲା । ବୈଜ୍ଞାନିକଙ୍କ ଅନୁସାରେ, ପୁରୁଷଙ୍କ ଅଣ୍ଡକୋଷ ଭୂତାଣୁ ପାଇଁ ଏକ ସୁରକ୍ଷିତ ସ୍ଥାନ । ସେଠାରେ ପ୍ରତିରକ୍ଷା ପ୍ରଣାଳୀ ସହଜରେ ପହଞ୍ଚିପାରେ ନାହିଁ, କାରଣ ଶୁକ୍ରାଣୁ କୋଷଗୁଡ଼ିକ ପ୍ରଜନନ ପାଇଁ ସୁରକ୍ଷିତ ଥାନ୍ତି । ସେଥିପାଇଁ ଭୂତାଣୁ ସେଠାରେ ଲୁଚି ବର୍ଷ ବର୍ଷ ଜୀବିତ ରହିପାରେ । ସଦ୍ୟ ଆବିଷ୍କାର ଇବୋଲା ଓ ଜିକା ଭାଇରସ୍ ଭଳି । ଏହି ଭାଇରସ୍ ପୁରୁଷ ଅଣ୍ଡକୋଷରେ ଲୁଚି ରହିପାରନ୍ତି ବୋଲି ପୂର୍ବରୁ ଜଣାପଡ଼ିଥିଲା ।

# ଦେଶରେ ପ୍ରଥମ: ମହାକାଶରେ ଭାରତୀୟ ଘରୋଇ ରକେଟ୍

ନୂଆଦିଲ୍ଲୀ-ଭାରତରେ ଘରୋଇ ଉଦ୍ୟମରେ ବିକଶିତ ଦେଶର ପ୍ରଥମ ମହାକାଶ କମ୍ପାନି ସ୍କାଏରୁଟ୍ ୧.୧ ବିଲିୟନ୍ ଡଲାର୍ ଖର୍ଚ୍ଚକରି ଦେଶର ପ୍ରଥମ ମହାକାଶ ଷ୍ଟାର୍ଟଅପ୍ ସ୍ପେସ୍ ଟେକ୍ ୟୁନିକର୍ଣ୍ଣ ଆରମ୍ଭ କରିଛି । ଆଉ କିଛି ସପ୍ତାହ ପରେ ଶ୍ରୀହରିକୋଟାରୁ ଏହି କମ୍ପାନି ଏହାର ରକେଟ୍ 'ପ୍ରଥମ ବିକ୍ରମ'ର ଉତ୍କ୍ଷେପଣ ଲାଗି ପ୍ରସ୍ତୁତି ଚଳାଇଛି । ଏହି ଅଭିଯାନ ସଫଳ ହେଲେ ପ୍ରଥମ ବିକ୍ରମ ହେବ ପୃଥିବୀର କକ୍ଷପଥରେ ପହଞ୍ଚିଥିବା ପ୍ରଥମ ଭାରତୀୟ ଘରୋଇ ରକେଟ୍ । ଆଗରୁ ରକେଟ୍ ଉତ୍କ୍ଷେପଣ ଓ ଉପଗ୍ରହ ଅଭିଯାନ ସରକାରଙ୍କ ଏକଚାଟିଆ ବ୍ୟାପାର ଥିଲା । ୨୦୨୦ରେ ସରକାର ଏହି କ୍ଷେତ୍ର ଘରୋଇ କମ୍ପାନିଙ୍କ ପାଇଁ ଉନ୍ମୁକ୍ତ କଲେ । ସେବେଠାରୁ ଷ୍ଟାର୍ଟଅପ୍ଙ୍କର ପ୍ରବେଶ ଘଟିଛି । ନିକଟରେ, ସ୍କାଏରୁଟ୍ ୬୦ ନିୟୁତ ଡଲାର ପାଣ୍ଠି ଯୋଗାଡ଼ କରିଥିଲା । ଏହି ପର୍ଯ୍ୟାୟରେ ଅନ୍ୟ ସୂତ୍ରରୁ ପାଣ୍ଠି ଯୋଗାଡ଼ର ନେତୃତ୍ୱ ନେଇଥିଲେ ଶେର୍ପାଲୋ ଭେଞ୍ଚର୍ସ ଓ ଜିଆଇସି ।



ଏହି ପର୍ଯ୍ୟାୟରେ ଥିବା ନିବେଶକମାନଙ୍କ ମଧ୍ୟରେ ଅଛନ୍ତି ବ୍ଲାକ୍‌ରକ୍, ଗ୍ରିନ୍‌କୋ ଗ୍ରୁପ୍, ଆକ୍ରମ୍ ଭେଞ୍ଚର୍ସ, ପ୍ଲେବୁକ୍ ପାର୍ଟନର୍ ଓ ସଙ୍ଗୱି ଫ୍ୟାମିଲି ଅଫିସ୍‌ଙ୍କ ସମେତ ଆହୁରି ଅନେକ ପ୍ରତିଷ୍ଠାନ । ସ୍କାଏରୁଟ୍ କହିଛି ଯେ, ଏହି ଅର୍ଥ ଅଧିକ ଉତ୍କ୍ଷେପଣ, ଉପକରଣ ନିର୍ମାଣ ଓ ଦ୍ୱିତୀୟ ବିକ୍ରମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବ୍ୟୟ କରାଯିବ । ଏବେ ନିର୍ମାଣାଧୀନ ରକେଟ୍ ଦ୍ୱିତୀୟ ବିକ୍ରମ ଅପେକ୍ଷାକୃତ ଭାରୀ ହୋଇଥିବା ଜଣାପଡ଼ିଛି । ପୂର୍ବରୁ ଦଶନ୍ଧି ଦଶନ୍ଧି ଧରି ରକେଟ୍ ଉତ୍କ୍ଷେପଣ ଓ ଉପଗ୍ରହ ଅଭିଯାନ ସରକାରଙ୍କର ଏକଚାଟିଆ ବ୍ୟାପାର ଥିଲା । ୨୦୨୦ରେ ସରକାର ଏହି କ୍ଷେତ୍ର ଘରୋଇ କମ୍ପାନିଙ୍କ ପାଇଁ ଉନ୍ମୁକ୍ତ କଲେ । ସେବେଠାରୁ ଅନେକ ଷ୍ଟାର୍ଟଅପ୍ ଏହି କ୍ଷେତ୍ରରେ ପ୍ରବେଶ କରିଛନ୍ତି ଓ ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ସାଟେଲାଇଟ୍ ସ୍ଥାପନ ଚାହିଦା ମେଣ୍ଟାଇବା ସହ ମହାକାଶଭିତ୍ତିକ ସେବା ଯୋଗାଇ ଆସୁଛନ୍ତି । ତେବେ ଏ କ୍ଷେତ୍ରରେ ସ୍କାଏରୁଟ୍ ଖୁବ୍ ଶୀଘ୍ର ଅଗ୍ରଣୀ ହୋଇଗଲା ।

## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

### ଛାତ୍ରଛାତ୍ରୀଙ୍କ...

ପରୀକ୍ଷା ପରିଚାଳନାରେ ସଂପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି । ଶିକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଭୁଲ୍ କାର୍ଯ୍ୟ ପ୍ରତି ଆମର 'ଶୂନ୍ୟ ସହନଶୀଳତା' ରହିଛି ଏବଂ ଏହା ପରୀକ୍ଷା ମାଫିଆଙ୍କ ବିରୁଦ୍ଧରେ ଏକ ଲମ୍ବା ଲଢ଼େଇ । ସିବିଆଇ ତଦନ୍ତରେ କୌଣସି ବି ଦୋଷୀଙ୍କୁ ଛଡ଼ାଯିବ ନାହିଁ । ଶିକ୍ଷା ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।
ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କ ଚିନ୍ତାକୁ ଦୂର କରିବା ପାଇଁ ସରକାର ଏବଂ ଏନଟିଏ କେତେକ ପ୍ରମୁଖ ସଂସ୍କାରମୂଳକ ପଦକ୍ଷେପ ଘୋଷଣା କରିଛନ୍ତି । ନିଟ୍ ପୁନଃ ପରୀକ୍ଷା ଆସନ୍ତା ଜୁନ୍ ୨୧ରେ ଅନୁଷ୍ଠିତ ହେବ । ପୁନଃ ପରୀକ୍ଷା ପାଇଁ ପିଲାମାନଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ପୂର୍ବରୁ ଦେଇଥିବା ଫି' ଫେରସ୍ତ କରାଯିବ ଏବଂ ଏହି ପରୀକ୍ଷା ସମ୍ପୂର୍ଣ୍ଣ ମାଗଣା ହେବ । ପରୀକ୍ଷାର୍ଥୀମାନେ ପୁଣି ଥରେ ନିଜ ପସନ୍ଦର ପରୀକ୍ଷା ସହର ବାଛିପାରିବେ । ଏଥିପାଇଁ ଏନଟିଏ ପକ୍ଷରୁ ଏକ ସପ୍ତାହ ସମୟ ଦିଆଯିବ । ପରୀକ୍ଷା ସମୟକୁ ୧୫ ମିନିଟ୍ ବୃଦ୍ଧି କରାଯାଇଛି । ପୂର୍ବରୁ ପରୀକ୍ଷା ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଥିବାବେଳେ ଏବେ ଏହା ୫ଟା ୧୫ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷାର୍ଥୀଙ୍କ ଗମନାଗମନ ସୁବିଧା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ । ମନ୍ତ୍ରୀ ନିଜେ ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହେବେ । ସମସ୍ତ ପରୀକ୍ଷାର୍ଥୀଙ୍କୁ ଜୁନ୍ ୧୪ ସୁଦ୍ଧା ଆଡମିଟ୍ କାର୍ଡ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।
ସେ ଆହୁରି କହିଛନ୍ତି ଯେ, ଏନଟିଏରେ ରହିଥିବା ସମସ୍ତ ତ୍ରୁଟିକୁ ସୁଧାରି ଏଥିରେ 'ଶୂନ୍ୟ ତ୍ରୁଟି' ସୁନିଶ୍ଚିତ କରାଯିବ । ଆମେ ସମସ୍ତେ ପ୍ରାର୍ଥୀମାନଙ୍କ ପାଇଁ ବହୁତ ଦୁଃଖିତ ଏବଂ ଚିନ୍ତିତ, କିନ୍ତୁ ରାଷ୍ଟ୍ର ସ୍ୱାର୍ଥ ତଥା ମେଧାବୀଙ୍କ ହକ ପାଇଁ ଆମକୁ ଏହି କଠିନ ନିଷ୍ପତ୍ତି ନେବାକୁ ପଡ଼ିଲା । ଆମେ ଏଥର କୌଣସି ଭୁଲ୍ କାର୍ଯ୍ୟ ହେବାକୁ ଦେବୁ ନାହିଁ । ସେ ସମସ୍ତଙ୍କୁ କୌଣସି ଗୁଜବ ବା ଭୁଲ ତଥ୍ୟରେ ବିଶ୍ୱାସ ନକରିବାକୁ ଅନୁରୋଧ କରିବା ସହ ଧୈର୍ଯ୍ୟର ସହ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଛନ୍ତି ।

### ନୂଆ ପୁଲିସ...

ବେଶ୍ ଭଲ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ରଙ୍କ ଖାସ୍ ଭାବେ ସଞ୍ଜିବ ପଣ୍ଡା ପରିଚିତ । ସେହିପରି ସୌମେନ୍ଦ୍ରଙ୍କ ରାଜନୀତିକ ଲବି ଓ ବିଭିନ୍ନ ଦଳ ସହ ସମ୍ପର୍କ ରହିଛି । ତେଣୁ ବିଜେପି ସରକାର 'ଓଡ଼ିଆ କାର୍ଡ' ଖେଳି ଏମାନଙ୍କ ମଧ୍ୟରୁ କାହାରିକୁ ବାଛି ପାରନ୍ତି ବୋଲି ଚର୍ଚ୍ଚା ହେଉଛି ।
ଯଦିଓ ଓଡ଼ିଆ ଅଫିସର ସୁଶାନ୍ତ ନାଥ ବରିଷ୍ଠତା ଭିତ୍ତିରେ ଶୀର୍ଷରେ ରହିଛନ୍ତି କିନ୍ତୁ ପୁଲିସ ଏସଆଇ କେଳେଙ୍କାରୀର ସିବିଆଇ ତଦନ୍ତ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି । ସେହିପରି ଗୁଇନ୍ଦା ଡିଜି ଆରପି କୋଚେ ଦାବିଦାର ରହିଥିଲେ ମଧ୍ୟ ତାଙ୍କର କେହି ଗଡ଼ଫାଦର ନାହାନ୍ତି କିମ୍ବା ଲବି ମଧ୍ୟ ଷ୍ଟ୍ରଙ୍ଗ୍ ନୁହେଁ ବୋଲି ଚର୍ଚ୍ଚା ହେଉଛି ।
ସେହିପରି ତାଲିକାରେ ୩ଜଣ ମହିଳା ଆଇପିଏସ୍ ସନ୍ତୋଷ ବାଲା, ରୀତୁ ଅରୋରା ଓ ସୁନୀତା କାକରନ ରହିଛନ୍ତି । ରାଜ୍ୟ ସରକାର ଯଦି 'ମହିଳା କାର୍ଡ' ଖେଳନ୍ତି ତା'ହେଲେ ଏମାନଙ୍କ ମଧ୍ୟରୁ କାହାରିକୁ ଅବସ୍ଥାପିତ କରିପାରନ୍ତି । ଯଦିଓ ରୀତୁ ଓ ସୁନୀତା ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ତେଣୁ ସନ୍ତୋଷ ବାଲା ହିଁ ପ୍ରମୁଖ ଦାବିଦାର ହୋଇଛନ୍ତି ।
ଅନ୍ୟମାନଙ୍କ ମଧ୍ୟରେ ଭିଜିଲାନ୍ସ ଏଡିଜି ଯଶୋବନ୍ତ ଜେଠୁୱା ଦାବିଦାର ରହିଛନ୍ତି । ବିଜେଡି ସରକାରରେ ସେ ଭିଜିଲାନ୍ସ ମୁଖ୍ୟ ଥିଲେ ଓ ଏବେବି ସେହି ପଦବୀ ବଜାୟ ରଖିଛନ୍ତି । ରାଜ୍ୟରେ ଯେଉଁ ଦଳର ସରକାର ଆସିଲେ ମଧ୍ୟ ସେ ବ୍ଲୁ-ଆଏଡ୍ ବଏ ହୋଇ ରହିଛନ୍ତି ।
ଅନ୍ୟ ଦୁଇ ଆଇପିଏସ୍ ଅରୁଣ ବୋଥ୍ରା ଓ ପିଏସ୍ ରଣପିସେଙ୍କ ନାଁ ସର୍ଟଲିଷ୍ଟ ହୋଇଥିଲେ ମଧ୍ୟ ବିଜେଡି ଶାସନ କାଳରେ ଶ୍ରୀ ବୋଥ୍ରାଙ୍କ ବିବାଦୀୟ ଭୂମିକା ତାଙ୍କୁ ଏହି ରେସରୁ ଦୂରେଇ ରଖିଛି । ସେହିପରି ରଣପିସେ ଦୀର୍ଘ ବର୍ଷଧରି କେନ୍ଦ୍ରୀୟ ଡେପୁଟେସନରେ ରହିଛନ୍ତି ଓ ଓଡ଼ିଶା ପ୍ରତି ବିଶେଷ ଦଖଲ ନଥିବାରୁ ସେ ଏହି ରେସରେ ସାମିଲ ନଥିବା ଚର୍ଚ୍ଚା ହେଉଛି ।
ସୂଚନାଯୋଗ୍ୟ, ପୁଲିସ ଡିଜି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ଆସନ୍ତା ଅଗଷ୍ଟ ୩୧ ତାରିଖରେ ଶେଷ ହେବ । ପୁଲିସ ଡିଜିଙ୍କ କାର୍ଯ୍ୟକାଳ ଶେଷ ହେବାର ଅତିକମରେ ଅଢ଼େଇ ମାସ ପୂର୍ବରୁ ନୂଆ ଡିଜିପି ଚୟନ ନିମନ୍ତେ ପ୍ରସ୍ତାବ ପଠାଇବାକୁ ରାଜ୍ୟଗୁଡ଼ିକୁ ଗତ ଜାନୁୟାରୀ ମାସରେ ୟୁପିଏସସି କର୍ତ୍ତୃପକ୍ଷ ପରାମର୍ଶ ଦେଇଥିଲେ ।
ରାଜ୍ୟ ସରକାର ବି କୌଣସି ପରିସ୍ଥିତିରେ ଆକ୍ଟିଙ୍ଗ ଡିଜିପି ନିଯୁକ୍ତି ଦେଇପାରିବେ ନାହିଁ । ଯଦି କୌଣସି କାରଣରୁ ଏଥିରେ ବିଳମ୍ବ ହୁଏ, ତେବେ ସମ୍ପୃକ୍ତ ରାଜ୍ୟ ସରକାରଙ୍କୁ ଏନେଇ ସୁପ୍ରିମକୋର୍ଟଙ୍କୁ ଜବାବ ଦେବାକୁ ପଡ଼ିବ ବୋଲି ସଂଶୋଧିତ ଗାଇଡଲାଇନରେ ଉଲ୍ଲେଖ ରହିଥିଲା । ରାଜ୍ୟ ସରକାର ଏବେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଏହି ତାଲିକା ଦାଖଲ କରିଥିବାରୁ ଅଗଷ୍ଟ ମାସ ଶେଷ ହେବା ପୂର୍ବରୁ ରାଜ୍ୟକୁ ନୂଆ ପୁଲିସ ଡିଜି(ମିଳିବ ବୋଲି ଚର୍ଚ୍ଚା ହେଉଛି ।

### ଏବର୍ଷ ଭାରତରେ...

ମଧ୍ୟ ଅତ୍ୟନ୍ତ ଶକ୍ତିଶାଳୀ ଥିଲା । ୨୦୨୩-୨୪ର ଏଲ୍- ନିନୋ ମଧ୍ୟ ମରୁଡି, ବନ୍ୟା ଓ ରେକର୍ଡ ଗରମ ପାଇଁ ଦାୟୀ ହୋଇଥିଲା । ୨୦୨୬ର ଏଲ୍-ନିନୋ ଯଦି ସୁପର୍ ଶ୍ରେଣୀରେ ପହଞ୍ଚେ, ତେବେ ପୂର୍ବର ସମସ୍ତ ଏଲ୍-ନିନୋ ଘଟଣାଠୁ ଅଧିକ ପ୍ରଭାବଶାଳୀ ହୋଇପାରେ, କାରଣ ବିଶ୍ୱ ଏବେ ପୂର୍ବାପେକ୍ଷା ଅଧିକ ଉଷ୍ମ ହୋଇଛି ।

# ପଦ ହରାଇବେ ୩ ଆଇପିଏଲ କ୍ୟାପ୍ଟେନ !

ନୂଆଦିଲ୍ଲୀ: ଚଳିତ ଆଇପିଏଲ ଶେଷ ହେବା ପରେ ପଦରୁ ବିଦା ହେବେ ୩ଟି ଟିମର କ୍ୟାପ୍ଟେନ । ସେମାନଙ୍କୁ ରିଲିଜ କରିବାକୁ ଏବେ ଠାରୁ ଫ୍ରାଞ୍ଚାଇଜ ପକ୍ଷରୁ ନିଷ୍ପତ୍ତି ନିଆଯାଇ ସାରିଥିବା ଜଣାପଡ଼ିଛି । ୨୦୨୬ ଆଇପିଏଲରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ଯୋଗୁ ୩ ବରିଷ୍ଠ ଖେଳାଳିଙ୍କୁ କ୍ୟାପ୍ଟେନ ପଦ ହରାଇବାକୁ ପଡ଼ିବ ।
ତାଲିକାରେ ଅକ୍ଷର ପଟେଲ, ଅଜିଙ୍କ୍ୟ ରାହାଣେ ଓ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ଋଷଭ ପନ୍ତ ରହିଛନ୍ତି । କ୍ରମାଗତ ୨ଟି ସିଜିନରେ ଏହି ୩ ଖେଳାଳି ନେତୃତ୍ୱ ନେଉଥିଲେ ହେଁ ଆଶା ଅନୁସାରେ ପ୍ରଦର୍ଶନ କରିପାରି ନାହାନ୍ତି । ଉଭୟ ନେତୃତ୍ୱ ଓ ବ୍ୟକ୍ତିଗତ ପ୍ରଦର୍ଶନ ଦୃଷ୍ଟିକୋଣରୁ ଏମାନଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅକ୍ଷର ପଟେଲ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଥିବା ବେଳେ ପନ୍ତ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ର ଅଧିନାୟକ । ସେହିପରି କୋଲକାତା ନାଇଟ ରାଇଡର୍ସର କ୍ୟାପ୍ଟେନ ହେଉଛନ୍ତି ଲକ୍ଷ୍ନୌ । ବର୍ତ୍ତମାନ ସୁଦ୍ଧା ଏହି ଦଳ ମଧ୍ୟରୁ ବିଧିବଦ୍ଧ ଭାବେ ଲକ୍ଷ୍ନୌ ଚଳିତ ଆଇପିଏଲ ପ୍ଲେ ଅଫରୁ ବାଦ ପଡ଼ିଛି । କୋଲକାତା ଓ ଦିଲ୍ଲୀର ପ୍ଲେଅଫ ଆଶା ମଧ୍ୟ ସେତେଟା ନାହିଁ । ତେଣୁ ଆଇପିଏଲ ପରେ ଏହି ୩ ଜଣଙ୍କ ପତ୍ତା କଟିବାର ଯଥେଷ୍ଟ ସମ୍ଭାବନା ରହିଛି ।



କ୍ୟାପ୍ଟେନ ହିସାବରେ ଅକ୍ଷର ପଟେଲଙ୍କ ସଂଖ୍ୟା ଭିନ୍ନ କିଛି କହୁଛି । ସେ ୯ଟି ଇନିଂସରେ କେବଳ ୧୦୦ ରନ କରିଛନ୍ତି ଓ ତାଙ୍କ ଷ୍ଟ୍ରାଇକ ରେଟ ୧୧୨.୫୦ ରହିଛି । ସେ ପଞ୍ଜାବ ବିପକ୍ଷ ଶେଷ ମ୍ୟାଚ୍‌ରେ ୫୬ ରନ କରିଥିଲେ । ବାକି ୮ଟି ଇନିଂସରେ ତାଙ୍କ ବ୍ୟାଟରୁ ବାହାରିଛି ୪୪ ରନ । ସେ ୫ ନମ୍ବରରେ ବ୍ୟାଟିଂ କରି ମଧ୍ୟ ଫେଲ ମାରିଛନ୍ତି । ୧୨ଟି ମ୍ୟାଚରେ ଅକ୍ଷର ୩୬ ଓଭର ବୋଲିଂ କରିଛନ୍ତି । ତାଙ୍କ ୱିକେଟ ସଂଖ୍ୟା ୧୦ ରହିଛି । ତେଣୁ ଆସନ୍ତା ବର୍ଷ ସେ ଦିଲ୍ଲୀର କମାଣ ସମ୍ଭାଳିବା ସମ୍ଭାବନା କମ ।
ଋଷଭ ପନ୍ତଙ୍କୁ ଲକ୍ଷ୍ନୌ ରେକର୍ଡ ୨୮ କୋଟି ଟଙ୍କାରେ କିଣିଥିଲା । କିନ୍ତୁ ସେ ୧୩୮ ଷ୍ଟ୍ରାଇକରେ କେବଳ ୨୫୧ ରନ କରିଛନ୍ତି । ୧୧ ମ୍ୟାଚ୍‌ରୁ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଛି କେବଳ ୯ଟି ଛକା । ନିଜର ବ୍ୟାଟିଂ ପାଇଁ ଜଣାଶୁଣା ପନ୍ତ ଚଳିତ ବର୍ଷ ଆଦୌ ଲୟରେ ଥିବା ଭଳି ଲାଗୁନି । ତେଣୁ ଲକ୍ଷ୍ନୌ ତାଙ୍କୁ କ୍ୟାପ୍ଟେନ ପଦରୁ ହଟାଇ ପାରେ ।
କୋଲକାତାର ଅଧିନାୟକ ରାହାଣେଙ୍କ ସ୍ଥିତି ମଧ୍ୟ ସେମିତି କିଛି । ରାହାଣେ ଚଳିତ ସିଜନରେ ୨୩୭ ରନ କରିଛନ୍ତି । ତାଙ୍କ ଷ୍ଟ୍ରାଇକ ରେଟ ମାତ୍ର ୧୩୩ । ସେ ଦଳ ପାଇଁ ଓପନ କରୁଥିଲେ ହେଁ ଆଦୌ ରନ କରିବାକୁ ସକ୍ଷମ ହେଉ ନାହାନ୍ତି । ରାହାଣେ ଧିମା ବ୍ୟାଟିଂ କରୁଥିବାରୁ ଦଳ ଉପରେ ଏହାର ଚାପ ମଧ୍ୟ ବଢ଼ିବାରେ ଲାଗିଛି ।
ଅକ୍ଷର ଓ ପନ୍ତ କ୍ୟାପ୍ଟେନ ପଦ ହରାଇବାକୁ ଯାଉଥିଲେ ହେଁ ଖେଳାଳି ଭାବେ ସେମାନଙ୍କ ଚାହିଦା ବେଶ ଅଧିକ ରହିଛି । ହେଲେ ରାହାଣେଙ୍କ ସ୍ଥିତି ଭିନ୍ନ । ୩୭ ବର୍ଷୀୟ ରାହାଣେଙ୍କୁ ଯଦି କେକେଆର ଛାଡ଼ି ଦେବ, ତା'ହେଲେ ଆଉ କୌଣସି ଫ୍ରାଞ୍ଚାଇଜ ତାଙ୍କୁ ନେଇ ନ ପାରନ୍ତି । ପରବର୍ତ୍ତୀ ମିନି ଅକ୍ସନରେ ରାହାଣେ ଅନସୋଲ୍ଡ ରହିବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି ।

# ଟିମ୍ ଇଣ୍ଡିଆକୁ ଫେରିବାକୁ ଚିନ୍ତା କରିନି : ଭୁବନେଶ୍ୱର

ମୁମ୍ବାଇ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ରେ ନିଜ ଘାତକ ବୋଲିଂରେ ବ୍ୟାଟରଙ୍କୁ ଚିନ୍ତାରେ ପକାଉଛନ୍ତି ଭୁବନେଶ୍ୱର କୁମାର । ସେ ଏବେ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) ଲାଗି ଭଲ ପ୍ରଦର୍ଶନ କରୁଛନ୍ତି । ଭୁବନେଶ୍ୱର କୁମାର ଏହି



ସମୟରେ ପର୍ପଲ କ୍ୟାପର ରେସରେ ଟପରେ ଅଛନ୍ତି ଏବଂ ଲଗାତର ତାଙ୍କ ଟିମ୍ ଇଣ୍ଡିଆକୁ ଫେରିବାକୁ ଦାବି ଉଠୁଛି । ଏବେ ନିଜେ ଭୁବି ଏହି ପୂରା ମୁଦ୍ଦା ଉପରେ ବହୁତ ଶାନ୍ତ ଏବଂ ସଚ୍ଚୋଟତାର ସହ ଉତ୍ତର ଦେଇଛନ୍ତି ।
ଭୁବନେଶ୍ୱର କୁମାର କହିଛନ୍ତି କି, ଏବେ ସେ ଲମ୍ବା ସମୟରୁ ଲକ୍ଷ୍ୟ କରିବା ଛାଡ଼ି ଦେଇଛନ୍ତି । ସେ ଆରସିବି ତରଫରୁ ସେୟାର କରାଯାଇଥିବା ଭିଡ଼ିଓରେ କହିଥିଲେ କି, ମୁଁ ଭାରତ ଲାଗି ଫେରିବା ବିଷୟରେ ଭାବି ନାହିଁ । ମୁଁ କେତେକ ବର୍ଷ ପୂର୍ବରୁ ଲମ୍ବା ଲକ୍ଷ୍ୟ କରିବା ଛାଡ଼ି ଦେଇଥିଲି କାରଣ ଯେତେବେଳେ ବି ଏଭଳି କରିଛି ସେତେବେଳେ ସବୁକିଛି ସେଭଳି ହୋଇ ନାହିଁ ଯେଭଳି ମୁଁ ଭାବିଥିଲି । ଭୁବି କହିଛନ୍ତି କି ତାଙ୍କ ଲାଗି ସବୁଠାରୁ ବଡ଼ ଖୁସି ଏହା ଅଟେ କି ସେ ଭାରତୀୟ ଟିମ୍ ଲାଗି ଏତେ ମ୍ୟାଚ୍ ଖେଳିଛନ୍ତି ଏବଂ ଏତେ ଓ୍ୱିକେଟ ନେଇଛନ୍ତି । ୩୬ବର୍ଷୀୟ ଭୁବନେଶ୍ୱର କୁମାର ଏହି ସିଜନ ନୂଆ ବଲ୍ ଏବଂ ଡେଥ ଓଭର ଦେବାରେ ବହୁତ ବିପଦଜନକ ନଜର ଆସୁଛନ୍ତି । ସେ ଏବେ ପର୍ଯ୍ୟନ୍ତ ୧୧ମ୍ୟାଚ ଖେଳି ୨୧ଓ୍ୱିକେଟ ନେଇଛନ୍ତି ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲରୁକୁ ପଏଣ୍ଟ୍ସ ଟେବୁଲରେ ଭଲ ସ୍ଥିତିରେ ପହଞ୍ଚିବାରେ ବଡ଼ ଭୂମିକ ନିଭାଇଛନ୍ତି । ଭୁବନେଶ୍ୱର କୁମାର ଏହି ସିଜନରେ ନିଜ ଶାନଦାର ସ୍ୱିଂ ବୋଲିଂ ଲାଗି ଖୁବ୍ ପ୍ରଶଂସା ସାଉଣ୍ଟୁଛନ୍ତି । ନୂଆ ବଲରେ ଉଭୟ ତରଫରୁ ସ୍ୱିଂ କରିବା ଲାଗି ତାଙ୍କ କ୍ଷମତା ବ୍ୟାଟିଂ ଲାଗି ବଡ଼ ଚ୍ୟାଲେଞ୍ଜ ହେଉଛି । ସେହିଭଳି ଡେଥ୍ ଓଭରରେ ବି ତାଙ୍କ ସଠିକ୍ ଲାଇନ୍- ଲେନ୍ଥ ତାଙ୍କୁ ଆଇପିଏଲ୍ ୨୦୨୬ର ସବୁଠାରୁ ଭରସାପୂର୍ଣ୍ଣ ଦ୍ରୁତବୋଲର ହୋଇଯାଇଛନ୍ତି । ଭୁବନେଶ୍ୱର କୁମାର ଶେଷ ଥର ୨୦୨୨ରେ ଭାରତ ଲାଗି ମ୍ୟାଚ୍ ଖେଳିଥିଲେ ।

# ବିରାଟଙ୍କ ଶତକ୍‌ରେ ନୂଆ ରେକର୍ଡ

ନୂଆଦିଲ୍ଲୀ: ଚଳିତ ଆଇପିଏଲରେ ଗୋଟିଏ ପରେ ଗୋଟିଏ ରେକର୍ଡ ଦେଖିବାକୁ ମିଳୁଛି । ବିଶାଳ ସ୍କୋର ହେଉଥିବାବେଳେ ଦଳମାନେ ଏହାକୁ ଚେଜ୍ ମଧ୍ୟ କରୁଛନ୍ତି । ବେଶ ରୋମାଞ୍ଚକ ମୋଡରେ ପହଞ୍ଚିଛି ଆଇପିଏଲର ୧୯ତମ ସିଜିନ । ଟିମ୍ ଇଣ୍ଡିଆର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ବିରାଟ ଦୁଇଟି ମ୍ୟାଚରେ ଗୋଲଡେନ ଡକରେ ଆଉଟ୍ ହୋଇଥିଲେ । ମାତେ କୋଲକାତା ବିପକ୍ଷରେ ଶତକୀୟ ପାଳି ଖେଳି ଦଳକୁ ବିଜୟୀ କରାଇଥିଲେ । ତେବେ ଏହି ଶତକ ପରେ ଆଇପିଏଲରେ ବଡ଼ ରେକର୍ଡ ହୋଇଛି । ଯାହା ପୂର୍ବରୁ କେବେ ମଧ୍ୟ ହୋଇନାହିଁ । ବିରାଟଙ୍କ



ଶତକ ବଳରେ ଚଳିତ ବର୍ଷ ସମସ୍ତ ଦଳର ଖେଳାଳି ଶତକ ମାରିବାରେ ସଫଳ ହୋଇଛନ୍ତି । ସମସ୍ତ ୧୦ ଫ୍ରାଞ୍ଚାଇଜର ଖେଳାଳିଙ୍କ ମଧ୍ୟରେ ଶତକ ମାରିଥିବା ଖେଳାଳି ରହିଛନ୍ତି । କେବଳ ବେଙ୍ଗାଲୁରୁ ଏହି ରେସରେ ପଛରେ ରହିଥିଲା । ଯାହାକୁ ନେଇ ସୋସିଆଲ ମିଡିଆରେ ମଧ୍ୟ ଟ୍ରୋଲ୍ କରାଯାଉଥିଲା । ଚଳିତ ସିଜନରେ ସବୁ ଦଳ ଶତକ କରିଥିବାବେଳେ ଆରସିବିର କେହି ଏହି ତାଲିକାରେ ନାହାନ୍ତି । ମାତ୍ର କୋଲକାତା ବିପକ୍ଷ ମ୍ୟାଚରେ ବିରାଟ ଟ୍ରୋଲରଙ୍କ ମୁହଁ ବନ୍ଦ କରିଛନ୍ତି ।

# ବାପା ଭୂମିକାରେ ସିଦ୍ଧାନ୍ତ



ଦୀର୍ଘ ୩୩ ବର୍ଷ ଧରି ଓଲିଉଡରେ ଅଭିନେତା ଭାବେ ରାଜ କରୁଥବା ସିଦ୍ଧାନ୍ତ ମହାପାତ୍ରଙ୍କୁ ଦର୍ଶକ ବେଶ କେତୋଟି ଓଡ଼ିଆ ଛବିରେ ଦେଖିବାକୁ ପାଇବେ । ଏହିକ୍ରମରେ ସେ ଏକ ଓଡ଼ିଆ ଛବିରେ ଅଭିନୟ କରୁଛନ୍ତି, ଯେଉଁଥରେ ତାଙ୍କୁ ନାୟକ ନୁହେଁ, ବରଂ ଚରିତ୍ର ଅଭିନେତା ଭାବେ ଦେଖିବାକୁ ମିଳିବ । ଆଉ ଏଥରେ ନାୟିକାର ବାପା ଚରିତ୍ର ନିଭାଇଛନ୍ତି । ଏଠାରେ ଯେଉଁ ସିନେମା କଥା କୁହାଯାଉଛି, ତାହା ହେଲା ଭିକ୍ଷାବୃତ୍ତି କରି ଚଳୁଥିବା ଫୁଲବାଣୀର ନିସାର୍ଥପର ବୃଦ୍ଧା ତୁଳା ବେହେରାଙ୍କ ଜୀବନୀ ଉପରେ ଏହା ଆଧାରିତ ଛବି 'ତୁଳା' । ପ୍ରଯୋଜକ ଅଜୟ ରାଉତଙ୍କ ଏହି ଛବିରେ ସିଦ୍ଧାନ୍ତ ତୁଳାଙ୍କ ବାପା ଭୂମିକାରେ ନଜର ଆସିବେ । ଆଉ ଏଥୁରେ ତାଙ୍କ ନାଆଁ ରହିଛି ଅର୍ଜୁନ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ର । ତୁଳା ଭୂମିକାରେ ଜଣାଶୁଣା ନାୟିକା ଶୀତଲ୍ ଅଛନ୍ତି । ଫିଲ୍ମର କାହାଣୀ ଓ ଚିତ୍ରନାଟ୍ୟ ଲେଖୁଛନ୍ତି ଅଜୟ ଓ ଜିତେନ୍ଦ୍ର ଜେନା । ସଂଳାପ ରଚନା କରିଛନ୍ତି ଅଜୟ ରାଉତ । 'ଜହ୍ନରାତିର ସାଥୀ'ର ନିର୍ଦ୍ଦେଶକ ତଥା 'ସିନ୍ଦୂରା'ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଜିତେନ୍ଦ୍ର ଜେନା ଏହାର ନିର୍ଦ୍ଦେଶନା ଦାୟିତ୍ୱ ବହନ କରିଛନ୍ତି । ବିଷ୍ଣୁ ମୋହନ କବି ଏହାର ସଂଗୀତକାର । ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ଜିତେନ୍ଦ୍ର ସେଠୀ ଏହାର ଗୀତିକାର । ଫିଲ୍ମ ଖୁବ୍‌ଶୀଘ୍ର ପରଦାକୁ ଆସିବ ।

# ନେଗେଟିଭ ଭୂମିକାରେ ସୂର୍ଯ୍ୟମୟୀ



ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ 'ଦଣ୍ଡକାଳୀ'ରେ ନଜର ଆସିବେ ସୂର୍ଯ୍ୟମୟୀ । ସୁଧାଂଶୁଙ୍କ ଫିଲ୍ମ 'ଭଲ ପାଏ ତତେ ଶହେରୁ ଶହେ' ଜରିଆରେ ସୂର୍ଯ୍ୟମୟୀ ଓଲିଉଡରେ ପାଦ ଥାପିଥିଲେ ।

ହେଲେ ୟା' ଭିତରେ ଆଉ ଏକ ସରପ୍ରାଇଜ ବି ରହିଛି । ତାହା ହେଲା ଯେ ସୁଧାଂଶୁ ତାଙ୍କର ଅନ୍ୟ ଏକ ସିନେମା 'ମନଷ୍ଟର୍'ରେ ବି ସୂର୍ଯ୍ୟମୟୀଙ୍କୁ ବାଦ୍ ଦେଇନାହାନ୍ତି । ତେବେ ଏହି ଫିଲ୍ମରେ ତାଙ୍କୁ ମେନ୍ ଲିଡ୍ (ନାୟିକା) ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ ନାହିଁ । ଏଥରେ ତାଙ୍କର ରହିଛି ସ୍ପେଶାଲ୍ ଆଇଅରାନ୍ସ ବା ସତନ୍ତ୍ର ଭୂମିକା । 'ମନଷ୍ଟର୍'ରେ ତାଙ୍କ ଚରିତ୍ରଟିରେ ଗ୍ରେ ସେଡ୍ ରହିଛି, ଯାହାକୁ ଆମେ ନେଗେଟିଭ ରୋଲ୍ ବୋଲି କହିପାରିବା । ତେବେ ଏହି ସ୍ୱତନ୍ତ୍ର ଭୂମିକାଟି କ'ଣ ଓ କେଉଁ ଧରଣର ନେଗେଟିଭ୍ ରୋଲ୍ କରିଛନ୍ତି ସୂର୍ଯ୍ୟମୟୀ, ତାହା ଜାଣିବା ଲାଗି ରିଲିଜ୍ ଯାଏ ଅପେକ୍ଷା କରିବାକୁ ପଡ଼ିବ । ସଂକ୍ଷିପ୍ତ ହେଲେ ବି 'ମନଷ୍ଟର୍'ରେ ସୂର୍ଯ୍ୟମୟୀଙ୍କ ଚରିତ୍ରଟି ବେଶ୍ ଦମଦାର ବୋଲି ଜଣାଯାଇଛି ।

# ଅନୁଭବଙ୍କ 'ଛକି ଶୂନ'



ଓଲିଉଡର ମେଗାଷ୍ଟାର ଅନୁଭବ ମହାନ୍ତିଙ୍କୁ ପୁଣିଥରେ ଏକ ଶକ୍ତିଶାଳୀ ତଥା ରୋମାଞ୍ଚକ ଅବତାରରେ ଦେଖିବାକୁ ମିଳିବ । ଦୀର୍ଘ ଦିନ ପ୍ରତୀକ୍ଷା ପରେ ଅନୁଭବ ତାଙ୍କର ଆଗାମୀ ଓଡ଼ିଅ ଥ୍ରୀଲର ଡ୍ରାମା 'ଛକି ଶୂନ' ମାଧ୍ୟମରେ ପରଦାକୁ ଫେରୁଛନ୍ତି । ଏହି ଚଳଚ୍ଚିତ୍ରର ବହୁ ପ୍ରତୀକ୍ଷିତ ଟିଜର୍ ଲଞ୍ଚ୍ ପରେ ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି । ଚଳଚ୍ଚିତ୍ରର ପୋଷ୍ଟର ଓ ଲୁକରୁ ଜଣାପଡୁଛି ଯେ, ଏହା ଏକ ରହସ୍ୟମୟ ପରିବେଶ ଏବଂ 'ନୋ ଏସ୍କେପ୍' ଭାଇବ୍ସ ସହ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ । ସସପେନ୍ସ ଓ ମିଷ୍ଟ୍ରିରେ ଭରପୂର ଏହି ଚଳଚ୍ଚିତ୍ର ଅନୁଭବଙ୍କ କ୍ୟାରିୟରର ଏକ ନୂତନ ମୋଡ଼ ହେବ ବୋଲି ଚର୍ଚ୍ଚା ହେଉଛି । ମାନସ ପଢ଼ିଆରୀ ଏହି ଥ୍ରୋଲ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ସମ୍ଭାଳି ଥିବାବେଳେ ପ୍ରଯୋଜନାରେ ଅଛନ୍ତି ନବୀନ ଭଣ୍ଡାରୀ, ଜାଗୃତି ଏ. ମହାନ୍ତି, ଶୁଭମ ମହାନ୍ତି ଏବଂ ସୂରଜ କୁମାର । ଅନୁଭବଙ୍କ ପ୍ରଶଂସକମାନେ ତାଙ୍କ ପ୍ରିୟ ତାରକାଙ୍କୁ ବଡ଼ ପରଦାରେ ଦେଖିବା ପାଇଁ ବହୁତ ଉତ୍ସାହିତ ଅଛନ୍ତି ।

# ଦିବ୍ୟାଙ୍କ କ୍ୟାରିଅର

ନାୟିକା ଦିବ୍ୟାଦିଶା ମହାନ୍ତି ଓରଫ୍ ଦିବ୍ୟାଙ୍କୁ ଦର୍ଶକ ଗତ ନଅ ବର୍ଷଧରି ନିୟମିତ ବଡ଼ ପରଦାରେ ଦେଖିବାକୁ ପାଉଛନ୍ତି । ସେ 'ସୁନ୍ଦରଗଡ଼ର ସଲ୍‌ମାନ୍ ଖାନ୍' ଛବିରେ ବାବୁସାନ୍‌ଙ୍କ ନାୟିକା ହୋଇ ଓଲିଉଡ୍‌ରେ ପଦାର୍ପଣ କରିଥିଲେ । ଦିବ୍ୟାଙ୍କୁ ଦର୍ଶକ ଏହାପରେ 'ତୁ କହିଦେ ଆଇ ଲଭ୍ ୟୁ', 'ବାଳ – ଦ ରିଦିମ୍ ଅଫ୍ ଲାଇଫ୍', 'ମିଷ୍ଟର୍ ମଜନୁ', 'ଧୋରେ ବାବୁ ଧୋ', 'ପ୍ରେମରେ ରିସ୍କ ହେଲା ମତେ ଇସ୍କ', 'ଶଙ୍କର', 'ପ୍ରେମ ଏଟିଏମ୍', 'କର୍ମ' ଓ 'ମାଇଁ ଫାଷ୍ଟ ଲଭ୍' ଆଦି ଓଡ଼ିଆ ଛବିରେ ନାୟିକା ଭୂମିକାରେ ଦେଖିବାକୁ ପାଇଛନ୍ତି । ଦିବ୍ୟା ନିଜର ଅଭିନୟ ଜରିଆରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବାବୁସାନ୍, ରାକେଶ, ଶୈଳେନ୍ଦ୍ର, ସମୀର ଶତପଥୀ, ଦେବାନନ୍ଦ, ପ୍ରଦୀପ ଓ ମନ୍ମୟଙ୍କ ପରି ନାୟକଙ୍କ ବିପକ୍ଷରେ ନଜର ଆସିଛନ୍ତି ଦିବ୍ୟା । ଏବେ ପ୍ରଥମଥର ଲାଗି ତାଙ୍କୁ ନବାଗତ ଚନ୍ଦନଙ୍କ ସାଥ୍ ମିଳିଛି । ରାଜଶ୍ରୀ ଧଳ ଓ ଶରତ ଚନ୍ଦ୍ର ସାହୁଙ୍କ ପ୍ରଯୋଜିତ ତଥା ପୁପୁନ୍ ଜେନାଙ୍କ ନିର୍ଦ୍ଦେଶିତ 'ଧୀ' ହେବ ଚନ୍ଦନ-ଦିବ୍ୟା ଯୋଡ଼ିଙ୍କର ପ୍ରଥମ ଓଡ଼ିଆ ଛବି । ଏହି ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି, ତାହା 'ଧୀ' ମୁକ୍ତିଲାଭ କରିବା

# ଆଲିଆ ଭଟ୍ଟଙ୍କ 'ପ୍ରିନ୍ସେସ ଲୁକ୍'



୭୯ତମ କାନ୍ ଫିଲ୍ମ ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇଯାଇଛି । ଏହା ମେ ୨୩ ତାରିଖ ଯାଏ ଫ୍ରାନ୍ସର ଫ୍ରେଞ୍ଚ ରିଭେରାରେ ଆୟୋଜିତ ହେବ । ବଲିଉଡ୍ ଅଭିନେତ୍ରୀ ଆଲିୟା ଭଟ୍ଟ ସେଥିରେ ସାମିଲ ହେବାଲାଗି ଫ୍ରାନ୍ସ ପହଞ୍ଚିଛନ୍ତି । ଫ୍ରେଞ୍ଚ ରିଭେରାର ହୋଟେଲ ମାର୍ଟିନେଜ ବାହାରେ ଆଲିୟାଙ୍କର ପ୍ରଥମ ଝଲକ ସାମ୍ନାକୁ ଆସିଛି । ସେଥିରେ ତାଙ୍କୁ ଫ୍ଲୋରାଲ୍ ପ୍ରିଣ୍ଟର ଗାଉନ ଦେଖିବାକୁ ମିଳୁଛି । ଏଥିସହ ହାଲ୍କା ମେକଅପ୍, ଛୋଟ ଗହଣା ତାଙ୍କର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଛି । ଫ୍ୟାଶନ୍ ଷ୍ଟାଇଲିଷ୍ଟ ରିଆ କପୁର ଡିଜାଇନର ୟଶ ପାଟିଲଙ୍କ ସହ ମିଶି ଆଲିୟାଙ୍କୁ ଏହି ଲୁକ୍ ଦେଇଛନ୍ତି । ପ୍ରଶଂସକମାନେ ଏହାକୁ ଆଲିୟାଙ୍କ 'ପ୍ରିନ୍ସେସ ଲୁକ୍' ଭାବେ ଦର୍ଶାଇଛନ୍ତି । ପ୍ରସିଦ୍ଧ କାନ୍ ଫିଲ୍ମ ମହୋତ୍ସବରେ ଆଲିୟା ଏକ ବ୍ରାଣ୍ଡର ଗ୍ଲୋବାଲ ଆମ୍ବାସଡର ଭାବେ ସାମିଲ ହୋଇଛନ୍ତି । ଚଳିତବର୍ଷ ତାଙ୍କ ବ୍ୟତୀତ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ, ମୌନି ରାୟ, ଅଦିତି ରାଓ ହାଇଦରି, ଜ୍ୟାକଲିନ୍ ଫର୍ନାଣ୍ଡିଜ୍, ଆମି ଭିର୍କ କାନ୍ରେ ଯୋଗ ଦେବେ । ଅଭିନେତ୍ରୀ ତାରା ସୁତାରିଆ କାନ୍ ରେଡ୍ କାର୍ପେଟ୍ରେ ଡେବ୍ୟୁ କରିବେ । ଏବର୍ଷ କାନ୍ରେ ଭାରତର ଅନେକ ସିନେମାକୁ ପ୍ରଦର୍ଶନ କରାଯିବ । ସେଥିମଧ୍ୟରେ ପଞ୍ଜାବୀ ସିନେମା 'ଚାରଦିକଲା', ମାଲାୟଲୀ ଫିଲ୍ମ 'ବାଲନ୍: ଦ ବୟ', 'ଲାଲୋ: କୃଷ୍ଣା ସଦା ସହାୟତେ' ପ୍ରମୁଖ ରହିଛି ।

# ନିରାଡ଼ମ୍ବର ହେବ ମୋହନ ସରକାରଙ୍କ ୨ବର୍ଷ ପୂର୍ତ୍ତି

ଭୁବନେଶ୍ୱର(ରା.ରି): ଆସନ୍ତା ଜୁନ୍ ୧୨ ତାରିଖରେ ରାଜ୍ୟର ବିଜେପି ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବେ । ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏଥିପାଇଁ ପ୍ରିଣ୍ଟ, ଇଲୋକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ । ଏଥି ସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତାର ଚିତ୍ର ସର୍ବସାଧାରଣଙ୍କୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା ।



ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ । ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡ଼ିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡ଼ିଶା, ନିର୍ମାଣ ଓଡ଼ିଶା, ଉତ୍କର୍ଷ ଓଡ଼ିଶା, ଜନଶକ୍ତି ଓଡ଼ିଶା ଏବଂ କୌଶଳ ଓଡ଼ିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ ।

ବିଭାଗୀୟ ମନ୍ତ୍ରୀମାନେ ଦୁଇ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତାକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀଙ୍କୁ ଦେବାକୁ କୁହାଯାଇଛି । ମୁଖ୍ୟମନ୍ତ୍ରୀ ତାହାକୁ ସାର୍ବଜନୀନ କଲା ପରେ ମନ୍ତ୍ରୀମାନେ ମନ୍ତ୍ରୀମାନେ ସାମ୍ବାଦିକ ସମ୍ମିଳନୀ କରି ଏ ସମ୍ପର୍କରେ ସୂଚନା ଦେବେ । ବିଭାଗଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶ କରାଯିବ । ଏହା ମାଧ୍ୟମରେ ରାଜ୍ୟର ସମୃଦ୍ଧି ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ଆମର ଯେଉଁ ଆଭିମୁଖ୍ୟ ରହିଛି, ତାହା ଲୋକଙ୍କ ପାଖରେ ପହଞ୍ଚାଇବାରେ ଆମେ ସଫଳ ହେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ଦୁଇ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଜୁନ୍ ୧୨ ତାରିଖରୁ ୧୦ ଦିନ ଧରି ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରିବେ । ଏହି ଅବସରରେ ଯେ କୌଣସି ଦିନ ପ୍ରଧାନମନ୍ତ୍ରୀ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ସମ୍ମତି ମିଳିବା ପରେ ରାଜ୍ୟ ସରକାର ଆୟୋଜନ କରିବେ ।

# ଓଡିଶାରେ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି : ବୈଷ୍ଣବ

ଭୁବନେଶ୍ୱର(ରା.ରି): ନୂତନ ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ତ୍ରି-ସାପ୍ତାହିକ ଏକ୍ସପ୍ରେସର ଶୁଭାରମ୍ଭ ସମ୍ପର୍କରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି । ଏହି ଟ୍ରେନ ସେବା ପ୍ରଥମ ଥର ପାଇଁ ପୁରୀ ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ ବୋଲି ରେଳ ମନ୍ତ୍ରୀ କହିଛନ୍ତି । ଏହି ଟ୍ରେନ ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ଟିକିରି, ଲକ୍ଷ୍ମୀପୁର ରୋଡ୍, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚାଲିବ । ଯାହା ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନଙ୍କୁ ଯଥେଷ୍ଟ ଉପକୃତ କରିବ । ଏହି ସେବା ତୀର୍ଥଯାତ୍ରା, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ନିଯୁକ୍ତି ଏବଂ ବ୍ୟବସାୟିକ ଯାତ୍ରା ପାଇଁ ସଂଯୋଗୀକରଣରେ ସୁଧାର ଆଣିବ, ବିଶେଷ କରି କେବିକେ (KBK) ଅଞ୍ଚଳ ଏବଂ ଆଦିବାସୀ ବହୁଳ ଜିଲ୍ଲାଗୁଡ଼ିକ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ ।



ଓଡ଼ିଶାର ରେଳ ବିକାଶ ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦,୦୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୁନାଗଡ଼-ନବରଙ୍ଗପୁର, ନବରଙ୍ଗପୁର-ଜୟପୁର, ଜୟପୁର-ମାଲକାନଗିରି, ବରଗଡ଼-ନୂଆପଡ଼ା, ଗୁଣୁପୁର-ଥେରୁବାଲି, ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ଏବଂ ବିମଳାଗଡ଼-ତାଳଚେର ରେଳ ଲାଇନ ପ୍ରକଳ୍ପ ଅନ୍ତର୍ଭୁକ୍ତ । ସେ କହିଛନ୍ତି ଯେ, ଦୀର୍ଘ ଦିନରୁ ବିଳମ୍ବିତ ଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ଏହାକୁ ୨୦୨୭ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ଦେଇ ଯାଇଥିବା ହାଓଡ଼ା-ଚେନ୍ନାଇ ମୁଖ୍ୟ କରିଡରର ଚାଲିଥିବା ଚାରି-ଲେନ୍ କାର୍ଯ୍ୟ ଉପରେ ମଧ୍ୟ ଆଲୋକପାତ କରିଛନ୍ତି ।

# ରାଜ୍ୟରେ ସବୁ ସରକାରୀ ଗାଡ଼ି ହେବ ଇଭି, ପ୍ରତିଷ୍ଠା ହେବ ୧୦୦ ଚାର୍ଜିଂ ଷ୍ଟେସନ

ଭୁବନେଶ୍ୱର : ଏଣିକି ରାଜ୍ୟରେ ସବୁ ସରକାରୀ ଗାଡ଼ି ହେବ ଇଭି । ଇଲେକ୍ଟ୍ରି ଗାଡି ବ୍ୟବହାର କରିବେ ସରକାରୀ ଅଧିକାରୀ । ଆଗାମୀ ଦିନରେ OSRTCର ସବୁ ଗାଡି ଇଭି ହେବ । ଏନେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଆଜିଠୁ ଇଭି ଗାଡିରେ ଯିବା ଆସିବା କରିବି । ମିତବ୍ୟୟତା ନିଜ ଠାରୁ ଆରମ୍ଭ କରିବି । ପ୍ରତି ବିଭାଗରେ ଥିବା ଗାଡିର ୫୦ ପ୍ରତିଶତ ଗାଡିକୁ EVରେ କନଭର୍ଟ କରାଯିବ ।

ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ୧୦୦ଟି ଇଭି ଚାର୍ଜିଂ ଷ୍ଟେସନ ହେବ । ଚାର୍ଜିଂ ଷ୍ଟେସନ ପାଇଁ ଇଲେକ୍ଟ୍ରି ଭା ସଂସ୍ଥାକୁ



ଦାୟିତ୍ୱ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ୩୦ଟି ଚାର୍ଜିଂ ଷ୍ଟେସନର କାମ ସରିଛି । କେବଳ ଭୁବନେଶ୍ୱରରେ ୧୫ଟି ଚାର୍ଜିଂ ଷ୍ଟେସନ ରହିଛି । ରାଜ୍ୟରେ ଚାର୍ଜିଂ ଷ୍ଟେସନର ଅଭାବ ରହିବ ନାହିଁ । ଆଗକୁ ଓଡ଼ିଶାରେ ୧୯୨ଟି ଚାର୍ଜିଂ ଷ୍ଟେସନ ହେବ । ଏଥିପାଇଁ ଇଭି ଚାର୍ଜିଂ ଷ୍ଟେସନ କମ୍ପାନୀ ସହିତ ପ୍ରାଥମିକ ଆଲୋଚନା ଶେଷ ହୋଇଛି । ମନ୍ତ୍ରୀ ପୁଣି କହିଛନ୍ତି ଯେ, ଇଭି ଗାଡିର ବ୍ୟବହାର ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖମନ୍ତ୍ରୀଙ୍କ ଆଗ୍ରହ ଅଛି । ଏହାଦ୍ୱାରା ପରିବେଶ ସୁରକ୍ଷା ସହିତ, ଆମର ସଞ୍ଚୟ ବି ହେଇପାରିବ । ପ୍ରକୃତି ପରିବେଶ ସନ୍ତୁଳିତ ପାଇଁ ଇଭିର ବ୍ୟବହାର କରିବୁ । ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ ଅଧା କରିସାରିଛନ୍ତି । ମନ୍ତ୍ରୀମାନେ ମଧ୍ୟ ସମାନ ନୀତି ଆପଣାଇବେ । ମୁଁ ଆଜିଠାରୁ ଇଭି ଗାଡ଼ିରେ ଯିବି, ଗୋଟିଏ ଗାଡି ବ୍ୟବହାର କରିବି । ଆବଶ୍ୟକ ନ ଥିଲେ ବସରେ ଯିବି । ବସ ଟ୍ରେନରେ ଗଲେ ଭଲ ଲାଗିବ, ଆମ ସରକାର ଯାହା କୁହନ୍ତି ସେୟା କରନ୍ତି ।

Owner, Editor and Published by SUSANTA KUMAR DASH and Printed by Sudir Kumar panda, Printed at NIJUKTI KHABAR PRAKASHAN, TS 3/193, Mancheswar Industrial Estate, Bhbaneswar-751010, Odisha and Published at- FLAT NO-C/208, KRVC, AT/PO-BANKUAL, BARGADA BRIT COLONY, BHUBANESWAR, KHORDHA, ODISHA-751002, Phone-9439311119,(W)7008961303

EDITOR: SUSANTA KUMAR DASH

Email Id-reporterrajdhani@gmail.com

ସମ୍ପାଦକ: ସୁଶାନ୍ତ କୁମାର ଦାଶ